**JMC-01**
**BLOCK-4**


ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

Odisha State Open University
Sambalpur, Odisha


# ସାମ୍ବାଦିକତା ଓ ଗଣ ଯୋଗାଯୋଗ

# ଗଣମାଧ୍ୟମ ଆଇନ୍ ସମୂହ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-01**

ବ୍ଲକ୍-୦୪

## ଗଣମାଧ୍ୟମର ଆଇନ ସମୂହ


ୟୁନିଟ୍ -୧ ଭାରତୀୟ ସମ୍ବିଧାନ, ଅଧିକାର, ନିୟମ ଏବଂ ନୀତି

ୟୁନିଟ୍ -୨ ଗଣମାଧ୍ୟମ ସମ୍ବନ୍ଧୀୟ ବିଭିନ୍ନ ଅଧିନିୟମ ସମୂହ

ୟୁନିଟ୍ -୩ ପ୍ରସାରଣ ଅଧିନିୟମ ଏବଂ ସଂହିତା

ୟୁନିଟ୍ -୪ ସାମ୍ବାଦିକତାର ବୃତ୍ତି

## ବିଶେଷଜ୍ଞ  କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ,** ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,**ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ  ସାମନ୍ତରାୟ**
ନିର୍ଦ୍ଦେଶକ,  ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

| ମୂଳ ଇଂରାଜୀ | ଅନୁବାଦ | ସମ୍ପାଦନା |
|---|---|---|
| **ସାମନ୍ତ ବିଶ୍ୱଭୂଷଣ ଧୀର** | **ସୌମ୍ୟା ସାରସ୍ୱତା ପଣ୍ଡା** | **ସଂବିତ ମିଶ୍ର** |
| ଶୈକ୍ଷିକ ପରାମର୍ଶଦାତା, | ସହକାରୀ ପ୍ରଫେସର, | ଶୈକ୍ଷିକ ପରାମର୍ଶଦାତା, |
| ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ | ନକ୍ଷତ୍ର ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ | ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ |

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021. *Media Laws* is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0
Printed by :

# ସୂଚୀପତ୍ର


**ପ୍ରଥମ ଏକକ: ଭାରତୀୟ ସମ୍ବିଧାନ, ଅଧିକାର, ଆଇନ୍ ଏବଂ ନୀତି**

୧.୦: ବିଷୟ ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ଭାରତୀୟ ସମ୍ବିଧାନ

୧.୪: ମୌଳିକ ଅଧିକାର

୧.୫: ରାଷ୍ଟ୍ରନୀତିର ନିର୍ଦ୍ଦେଶନାମା

୧.୬: ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ୧୯ ୧(କ)

୧.୭: କୋର୍ଟର ଅବମାନନା

୧.୮: ବିଧାନସଭାକୁ ଅବମାନନା

୧.୯: ଆସ ପ୍ରଗତି ମାପିବା

**ଦ୍ୱିତୀୟ ଏକକ: ଗଣମାଧ୍ୟମ ସମ୍ବନ୍ଧୀୟ ବିଭିନ୍ନ ଅଧିନିୟମ ସମୂହ**

୨.୦: ବିଷୟ ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଦେଶଦ୍ରୋହ ଏବଂ ଉତ୍ତେଜନାମୂଳକ ଲେଖା

୨.୪: ଭାରତୀୟ ଦଣ୍ଡ ସଂହିତା

୨.୫: ଅପରାଧିକ ପ୍ରକ୍ରିୟା ସଂହିତା,୧୯୭

୨.୬: ସରକାରୀ ଗୋପନୀୟତା ଆଇନ୍, ୧୯୨୩

୨.୭: ସୂଚନା ଅଧିକାର ଆଇନ୍, ୨୦୦୫

୨.୮: ସମ୍ବାଦପତ୍ର ଏବଂ ପୁସ୍ତକ ପଞ୍ଜିକରଣ ଆଇନ୍, ୧୮୬୭

୨.୯: ବୌଦ୍ଧିକ ସମ୍ପତ୍ତିର ଅଧିକାର

୨.୧୦: ସ୍ୱତ୍ୱାଧିକାର ଆଇନ୍, ୧୯୫୭

୨.୧୧: ଆସ ପ୍ରଗତି ମାପିବା

**ତୃତୀୟ ଏକକ: ପ୍ରସାରଣ ଅଧିନିୟମ ଏବଂ ସଂହିତା**

୩.୦: ଏକକର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୩: ପ୍ରସାରଣ ଅଧିନିୟମ

୩.୪: ପ୍ରସାର ଭାରତୀ ନିୟମ, ୧୯୯୦
୩.୫: କେବଲ୍ ଟିଭି ନେଟଓ୍ୱର୍କ ନିୟନ୍ତ୍ରଣ ଆଇନ୍, ୧୯୯୫
୩.୬: ଡିଜିଟାଇଜେସନ୍ ଏବଂ ସର୍ତ୍ତମୂଳକ ଆକ୍‌ସେସ ସିଷ୍ଟମ୍ (ସିଏଏସ୍)
୩.୭: ପ୍ରସ୍ତାବିତ ଭାରତୀୟ ପ୍ରସାରଣ ନିୟାମକ ପ୍ରାଧିକରଣ ଅଧିନିୟମ, ୧୮୬୭
୩.୮: ପ୍ରସାରଣ ଏବଂ ବିଜ୍ଞାପନ କୋଡ୍
୩.୯: ଆସ ପ୍ରଗତି ମାପିବା

## ଚତୁର୍ଥ ଏକକ: ସାମ୍ବାଦିକତାର ବୃତ୍ତି

୪.୦: ବିଷୟ ଗଠନ
୪.୧: ପଠନର ଉଦ୍ଦେଶ୍ୟ
୪.୨: ବିଷୟ ପରିଚୟ
୪.୩: ଏକ ସଙ୍ଗଠିତ/ଅଣସଙ୍ଗଠିତ ଉଦ୍ୟୋଗ ଭାବରେ ସାମ୍ବାଦିକତା
୪.୪: କାର୍ଯ୍ୟରତ ସାମ୍ବାଦିକ ଆଇନ୍, ୧୯୫୫
୪.୫: ଆସ ପ୍ରଗତି ମାପିବା
ଅଧିକ ଜାଣିବା ପାଇଁ
ପ୍ରଗତି ମାପିବା ପାଇଁ ଉତ୍ତର ସମୂହ
ନମୁନା ପ୍ରଶ୍ନାବଳୀ

## ୟୁନିଟ- ୧: ଭାରତୀୟ ସମ୍ବିଧାନ, ଅଧିକାର, ନିୟମ ଏବଂ ନୀତି


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ଭାରତୀୟ ସମ୍ବିଧାନ

୧.୪: ମୌଳିକ ଅଧିକାର

୧.୪.୧: ସମାନତାର ଅଧିକାର

୧.୪.୨: ସ୍ୱାଧୀନତାର ଅଧିକାର

୧.୪.୩: ଶୋଷଣ ବିରୋଧରେ ଅଧିକାର

୧.୪.୪: ଧାର୍ମିକ ସ୍ୱାଧୀନତାର ଅଧିକାର

୧.୪.୫: ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର

୧.୫: ରାଷ୍ଟ୍ରନୀତିର ନିର୍ଦ୍ଦେଶନାମା

୧.୬: ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା, ଧାରା ୧୯(୧)(କ)

୧.୬.୧: ଧାରା ୧୯(୨)

୧.୭: କୋର୍ଟର ଅବମାନନା

୧.୭.୧: ନାଗରିକ ଅବମାନନା

୧.୭.୨: ଫୌଜଦାରୀ ଅବମାନନା

୧.୮: ବିଧାନସଭା ପ୍ରତି ଅବମାନନା

୧.୯: ମାନହାନି

୧.୯.୧: ଅପବାଦ

୧.୯.୨: ମିଥ୍ୟା

୧.୧୦: ଆସ ପ୍ରଗତିକୁ ମାପିବା


### ୧.୧: ପଠନର ଉଦ୍ଦେଶ୍ୟ

ପ୍ରଥମ ପାଠ୍ୟକ୍ରମର ପ୍ରଥମ ତିନୋଟି ବ୍ଲକ୍‌ରେ ଆମେ ଯଥାକ୍ରମେ ଯୋଗାଯୋଗ, ପ୍ରେସ ଏବଂ ଗଣମାଧ୍ୟମ ସଂସ୍ଥାର ଇତିହାସର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଛୁ। ଏହି ବ୍ଲକ୍‌ରେ ଆମେ ଗଣମାଧ୍ୟମ ନିୟମ ବିଷୟରେ ଆଲୋଚନା କରିବୁ। ତେବେ ଏହି ଏକକରେ ଆମେ ଭାରତୀୟ ସମ୍ବିଧାନ, ସାମ୍ବାଦିକତା ସହିତ ଜଡ଼ିତ ଆଇନ୍ ଏବଂ ନୀତିନିୟମର ଅଧିକାର ସମ୍ପର୍କରେ ଧ୍ୟାନ ଦେବୁ।

ଆମେ ମଧ୍ୟ ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କରେ ମଧ୍ୟ ଆଲୋଚନା କରିବା। ଏହି ଏକକ ଅଧ୍ୟୟନ କରିବା ପରେ ଆପଣମାନେ ନିମ୍ନୋକ୍ତ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଜାଣିବାକୁ ସକ୍ଷମ ହେବେ:

୧. ଭାରତୀୟ ସମ୍ବିଧାନ ଏବଂ ନାଗରିକମାନଙ୍କ ପାଇଁ ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା

୨. ରାଷ୍ଟ୍ରନୀତିର ମୌଳିକ ଅଧିକାର ଏବଂ ନିର୍ଦ୍ଦେଶନାମା

୩. କୋର୍ଟକୁ ଅବମାନନା ଏବଂ ବିଧାନସଭାକୁ ଅବମାନନା କରିବା ଭଳି ଆଇନ୍ ସମୂହ

୪. ମାନହାନି ଏବଂ ବଦନାମର ପ୍ରକାର

## ୧.୨: ବିଷୟ ପରିଚୟ

ଆମେ ସମସ୍ତେ ଭାରତର ନାଗରିକ ଏବଂ ଆମର ସମ୍ବିଧାନ ଆମକୁ ଅନେକ ଅଧିକାର ଏବଂ ସ୍ୱାଧୀନତା ଦେଇଛି, ଯାହାକୁ ଆମେ ପ୍ରତିଦିନ ଉପଭୋଗ କରିଥାଉ। ଆମର ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ ଯେଉଁଥିରେ ଆରମ୍ଭ ହେବା ସମୟରେ ୨୨ ଭାଗରେ ୩୯୫ଟି ଅନୁଚ୍ଛେଦ ଏବଂ ୮ଟି କାର୍ଯ୍ୟସୂଚୀ, ୫ଟି ପରିଶିଷ୍ଟ ଏବଂ ୯୮ଟି ସଂଶୋଧନରେ ୪୪୮ଟି ଅନୁଚ୍ଛେଦ ରହିଥିଲା। ବର୍ତ୍ତମାନ ଭାରତର ସମ୍ବିଧାନରେ ୨୫ ଗୋଟି ଭାଗରେ ୪୪୮ଟି ଅନୁଚ୍ଛେଦ, ୧୨ଟି କାର୍ଯ୍ୟସୂଚୀ, ୫ଟି ପରିଶିଷ୍ଟ ଏବଂ ୯୮ଟି ସଂଶୋଧନ ରହିଛି। କିନ୍ତୁ ଆମ ସମ୍ବିଧାନରେ ସାମ୍ବାଦିକମାନଙ୍କୁ କୌଣସି ବିଶେଷ ଅଧିକାର ଦିଆଯାଇ ନାହିଁ।

ସାଧାରଣ ଜନତା ଯେଉଁ ଅଧିକାର ଏବଂ ସ୍ୱାଧୀନତା ଉପଭୋଗ କରୁଛନ୍ତି, ସାମ୍ବାଦିକମାନେ ସେହି ସମାନ ସ୍ୱାଧୀନତା ଉପଭୋଗ କରିଥାନ୍ତି। ଏସବୁ ସମ୍ପର୍କରେ ଆମେ ଏହି ଏକକରେ ଆଲୋଚନା କରିବା।

## ୧.୩: ଭାରତୀୟ ସମ୍ବିଧାନ

ଭାରତୀୟ ସାଧାରଣତନ୍ତ୍ର ୨୬ ନଭେମ୍ବର ୧୯୪୯ର ସାମ୍ବିଧାନିକ ସଭା ଦ୍ୱାରା ଗ୍ରହଣ କରାଯାଇଥିବା ତଥା ୨୬ ଜାନୁଆରୀ ୧୯୫୦ରେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ସମ୍ବିଧାନ ଅନୁସାରେ ପରିଚାଳିତ ହୋଇଥାଏ। ସମ୍ବିଧାନ ସଂସଦୀୟ ବ୍ୟବସ୍ଥାଭିତ୍ତିକ ସରକାର ପ୍ରଦାନ କରିଛି ଯାହା କିଛି ଏକତାସମ୍ପନ୍ନ ବୈଶିଷ୍ଟ୍ୟ ସହିତ ସଂଘୀୟ। କେନ୍ଦ୍ରରେ ରାଷ୍ଟ୍ରପତି ହେଉଛନ୍ତି କାର୍ଯ୍ୟନିର୍ବାହୀ ସାମ୍ବିଧାନିକ ମୁଖ୍ୟ ।




ଜଣେ ଅଭିଳାଷୀ ସାମ୍ବାଦିକଙ୍କ ପାଇଁ କେବଳ ଗଣମାଧ୍ୟମ ନିୟମକୁ ଜାଣିବା ଯଥେଷ୍ଟ ନୁହେଁ। ସେମାନେ ସମ୍ବିଧାନର କିଛି ବୈଶିଷ୍ଟ୍ୟ ସମ୍ପର୍କରେ ମଧ୍ୟ ଜ୍ଞାନ ଅର୍ଜନ କରିବା ଉଚିତ୍। ଏହି ଉଦ୍ଦେଶ୍ୟ ନେଇ, ଏହି ବିଷୟ ସମ୍ବିଧାନର ନିମ୍ନୋକ୍ତ ବିଭାଗ ଯଥା ମୌଳିକ ଅଧିକାର, ରାଷ୍ଟ୍ରନୀତିର ନିର୍ଦ୍ଦେଶନାମା ଏବଂ ସଂସଦୀୟ ବିଶେଷାଧିକାର ଉପରେ ସଂକ୍ଷିପ୍ତ ଜ୍ଞାନ ପ୍ରଦାନ କରିବ ।

## ୧.୪: ମୌଳିକ ଅଧିକାର

ମୌଳିକ ଅଧିକାରଗୁଡ଼ିକ ହେଉଛି ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ପ୍ରାକୃତିକ ଅଧିକାର। ମୌଳିକ ଅଧିକାରଗୁଡ଼ିକ କେବଳ ସମ୍ବିଧାନରେ ସଂଶୋଧନ କରାଯାଇ ବଦଳାଯାଇପାରିବ। ଦେଶର ସମସ୍ତ ନାଗରିକ, ଯଦି ସେମାନଙ୍କର ମୌଳିକ ଅଧିକାରର ଉଲ୍ଲଙ୍ଘନ ହୁଏ, ତେବେ ସିଧାସଳଖ ସୁପ୍ରିମ୍‌କୋର୍ଟକୁ ଯାଇପାରିବେ, ଯାହା କି ନିଜେ ନିଜ ଭିତରେ ଏକ ମୌଳିକ ଅଧିକାର ଅଟେ।

ଭାରତୀୟ ସମ୍ବିଧାନର ଭାଗ ୩, ମୌଳିକ ଅଧିକାର (ଅନୁଚ୍ଛେଦ ୧୨-୩୫) ସହିତ ସମ୍ବନ୍ଧିତ ଅଟେ, ଯାହା ଭିତରେ ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୋଧରେ ଅଧିକାର, ଧାର୍ମିକ ସ୍ୱାଧୀନତାର ଅଧିକାର, ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଏବଂ ସାମ୍ବିଧାନିକ ଉପଚାରର ଅଧିକାର ଅନ୍ତର୍ଭୁକ୍ତ ହୋଇଥାଏ।

### ୧.୪.୧: ସମାନତାର ଅଧିକାର



ଅନୁଚ୍ଛେଦ ୧୪-୧୮ ସମାନତାର ଅଧିକାର ସହିତ ସମ୍ବନ୍ଧିତ। ଏହି ଅନୁଚ୍ଛେଦ ଆଇନଗତ ଭାବେ ସମସ୍ତେ ସମାନ, ଧର୍ମ, ଜାତି, ଲିଙ୍ଗ କିମ୍ବା ଜନ୍ମସ୍ଥାନ ଆଧାରରେ ଭେଦଭାବରେ ନିଷେଧ, ଜନସାଧାରଣଙ୍କୁ ରୋଜଗାର କ୍ଷେତ୍ରରେ ସୁଯୋଗର ସମାନତା ପ୍ରଦାନ କରିଥାଏ। ପଛୁଆ ବର୍ଗର ନାଗରିକମାନଙ୍କ ପାଇଁ ରାଜ୍ୟ ଯେ କୌଣସି ବ୍ୟବସ୍ଥା କରି ପାରିବ, ଅସ୍ପୃଶ୍ୟତାକୁ ଉଚ୍ଛେଦ କରିପାରିବ ଏବଂ ସାମରିକ କିମ୍ବା ଶୈକ୍ଷିକ ଉପାଧି ବ୍ୟତୀତ ଅନ୍ୟାନ୍ୟ ଉପାଧିକୁ ରଦ୍ଦ କରିଦେଇ ପାରିବ।

### ୧.୪.୨: ସ୍ୱାଧୀନତାର ଅଧିକାର

ଧାରା ୧୯-୨୧ ସ୍ୱାଧୀନତାର ଅଧିକାର ସହିତ ଜଡ଼ିତ। ଭାରତ ସେହି ଦେଶମାନଙ୍କ ମଧ୍ୟରୁ ଅନ୍ୟତମ,ଯେଉଁମାନେ ସେମାନଙ୍କର ନାଗରିକମାନଙ୍କୁ ମୁକ୍ତ ଭାବରେ ନିଜକୁ ପ୍ରକାଶ କରିବାର ଅଧିକାର ଦେଇଥାନ୍ତି। ସମ୍ବିଧାନ ଛଅଟି ମୌଳିକ ସ୍ୱାଧୀନତା ସମ୍ପର୍କରେ ନିଶ୍ଚିତ କରିଥାଏ ଏବଂ ସେଗୁଡ଼ିକ ମଧ୍ୟରେ ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ହେଉଛି ପ୍ରଥମ। ସମସ୍ତ ନାଗରିକମାନଙ୍କର ଏହି ଅଧିକାର ରହିବ ଯଥା-



କ. ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା

ଖ. ଶାନ୍ତିପୂର୍ଣ୍ଣ ଭାବେ ଏବଂ ଅସ୍ତ୍ର ବିନା ଏକତ୍ରିତ ହେବା

ଗ. ସଙ୍ଗଠନ ଏବଂ ସଂଘ ଗଠନ

ଘ. ଭାରତର ସମଗ୍ର ଅଞ୍ଚଳରେ ମୁକ୍ତ ଭାବେ ବିଚରଣ କରିବା

ଙ. ଭାରତର ଯେ କୌଣସି ଅଞ୍ଚଳରେ ବସବାସ କରିବା

ଚ. ଯେ କୌଣସି ବୃତ୍ତିର ଅଭ୍ୟାସ ଜାରି ରଖିବା କିମ୍ବା କୌଣସି ବୃତ୍ତି, ବାଣିଜ୍ୟ କିମ୍ବା ବ୍ୟବସାୟ କରିବା

କିନ୍ତୁ ଏହି ଅଧିକାରଗୁଡ଼ିକ ସମ୍ପୂର୍ଣ୍ଣ ନୁହେଁ, ଉପରୋକ୍ତ ଅଧିକାରର ବ୍ୟତିକ୍ରମ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା, ରାଷ୍ଟ୍ରର ସୁରକ୍ଷା, ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ସାର୍ବଜନୀନ ଆଦେଶ ଶୃଙ୍ଖଳା କିମ୍ବା ନୈତିକତା ପ୍ରତି ବିପଦ ଏବଂ କୋର୍ଟର ଅବମାନନା, ବଦନାମ ଏବଂ ଏକ ଅପରାଧ କିମ୍ବା ଅନ୍ୟ କୌଣସି ଯୁକ୍ତିଯୁକ୍ତ ପ୍ରତିବନ୍ଧକ ପାଇଁ ଉତ୍ତେଜନା ସୃଷ୍ଟି କରିଥାଏ।

ସ୍ୱାଧୀନତାର ଅଧିକାର ଅଧୀନରେ ଥିବା ଅନ୍ୟ ଅଧିକାରଗୁନିକ ହେଉଛି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ (ଧାରା ୨୦), ଜୀବନର ସୁରକ୍ଷା ଏବଂ ବ୍ୟକ୍ତିଗତ ସ୍ୱାଧୀନତା (ଧାରା ୨୧) ଯାହା ଦର୍ଶାଇ ଥାଏ ଯେ, କୌଣସି ବ୍ୟକ୍ତି ତାଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ ହେବେ ନାହିଁ, ଆଇନ୍ ଦ୍ୱାରା ସ୍ଥାପିତ ପଦ୍ଧତି ବ୍ୟତୀତ, ଧାରା ୨୨ ଗିରଫ ଏବଂ କେତେକ କ୍ଷେତ୍ରରେ ଅବରୋଧରୁ ସୁରକ୍ଷା ପ୍ରଦାନ କରିଥାଏ।



### ୧.୪.୩: ଶୋଷଣ ବିରୋଧୀ ଅଧିକାର

ଧାରା ୨୩-୨୪ ଶୋଷଣ ବିରୋଧୀ ଅଧିକାର ସମ୍ପର୍କରେ କହିଥାଏ। ଧାରା ୨୩ ମାନବ ଚାଲାଣ ଏବଂ ବାଧ୍ୟତାମୂଳକ ଶ୍ରମକୁ ନିଷେଧ କରିଥାଏ ଏବଂ ଏହାର ଉଲ୍ଲଙ୍ଘନ ଏକ ଅପରାଧ ବୋଲି ବିବେଚନା କରାଯାଏ। ଧାରା ୨୪ କାରଖାନା, ଖଣି କିମ୍ବା କୌଣସି ବିପଦପୂର୍ଣ୍ଣ ସ୍ଥାନରେ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କ ନିଯୁକ୍ତିକୁ ନିଷେଧ କରିଛି।

### ୧.୪.୪: ଧାର୍ମିକ ସ୍ୱାଧୀନତା ପାଇଁ ଅଧିକାର

ଧାରା ୨୫-୨୮ ଧର୍ମର ସ୍ୱାଧୀନତା, ମୁକ୍ତ ବିବେକ ଏବଂ ମୁକ୍ତ ବୃତ୍ତି, ଧର୍ମର ଅଭ୍ୟାସ ଏବଂ ପ୍ରଚାର (ଧାରା୨୫), ଧାର୍ମିକ ବ୍ୟାପାର ପରିଚାଳନା ପାଇଁ ସ୍ୱାଧୀନତା (ଧାରା ୨୬), କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପାଇଁ ଟିକସ ନଦେବା ପାଇଁ ସ୍ୱାଧୀନତା (ଧାରା ୨୭), କୌଣସି ଧାର୍ମିକ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ହେବାକୁ ବାଧ ନହେବା ପାଇଁ ସ୍ୱାଧୀନତା, ଶିକ୍ଷାନୁଷ୍ଠାନ ଯାହା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଜ୍ୟ ପାଣ୍ଠି ଅଧୀନରେ ପରିଚାଳିତ, ତେବେ ସେଠାରେ ଧାର୍ମିକ ଉପାସନା ପାଇଁ ବାଧ ନ କରିବାର ଅଧିକାର ଅର୍ନ୍ତଭୁକ୍ତ ହୋଇଥାଏ,

କିନ୍ତୁ ଏହା ଯଦି ରାଜ୍ୟଦ୍ୱାରା ଅନୁମୋଦିତ ହୋଇ କୌଣସି ଅନୁଦାନ କିମ୍ବା ଟ୍ରଷ୍ଟ ଅଧୀନରେ ସ୍ଥାପିତ ହୋଇଥାଏ, ସେହି ଅନୁଷ୍ଠାନ ପାଇଁ ଏଥିରେ ବ୍ୟତିକ୍ରମ କରାଯାଇପାରେ।

### ୧.୪.୫: ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର

ଧାରା ୨୯ ଏବଂ ୩୦ ଶିକ୍ଷା ଏବଂ ସଂସ୍କୃତିର ଅଧିକାର ସହିତ ଜଡ଼ିତ। ଭାରତର କିଛି ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁମାନଙ୍କ ଭିନ୍ନ ଭାଷା, ଲେଖା ଏବଂ ସଂସ୍କୃତି ପାଇଁ ସଂରକ୍ଷଣ ବ୍ୟବସ୍ଥା ସୁରକ୍ଷିତ ହେବା ଉଚିତ୍। ଏବଂ ଧର୍ମ, ଜାତି, ଜାତି, ଭାଷା କିମ୍ବା ସେଗୁଡ଼ିକ ମଧ୍ୟରୁ ଯେ କୌଣସିଟି (ଧାରା୨୯) ଆଧାରରେ କୌଣସି ନାଗରିକଙ୍କୁ ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକ ରୂପରେ ରାଜ୍ୟ ପାଣ୍ଠି ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ବାରଣ କରାଯିବ ନାହିଁ। ଧାରା ୩୦ ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନ ସ୍ଥାପନ ଏବଂ ପରିଚାଳନା ପାଇଁ ଅଧିକାର ପ୍ରଦାନ କରେ।

## ୧.୫: ରାଷ୍ଟ୍ରନୀତିର ନିର୍ଦ୍ଦେଶନାମା

ରାଷ୍ଟ୍ରନୀତି ନିର୍ଦ୍ଦେଶାବଳୀ ହେଉଛି ରାଜ୍ୟକୁ ସମ୍ବିଧାନର ନିର୍ଦ୍ଦେଶ। ଯେତେବେଳେ କି ମୌଳିକ ଅଧିକାର ଅଦାଲତ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ, ରାଷ୍ଟ୍ରନୀତି ନିର୍ଦ୍ଦେଶାବଳୀଗୁଡ଼ିକ କାର୍ଯ୍ୟକାରୀ ହୋଇ ନଥାଏ। ଯେତେବେଳେ ବି ମୌଳିକ ଅଧିକାର ଏବଂ ରାଷ୍ଟ୍ରନୀତି ନିର୍ଦ୍ଦେଶାବଳୀ ମଧ୍ୟରେ ସଂଘର୍ଷ ଘଟେ, ପ୍ରଥମଟି ହିଁ ପରବର୍ତ୍ତୀଟି ଉପରେ ଶ୍ରେଷ୍ଠତା ଜାହିର କରିଥାଏ।

ରାଷ୍ଟ୍ରନୀତି ନିର୍ଦ୍ଦେଶାବଳୀଗୁଡ଼ିକ ଅନୁଚ୍ଛେଦ ୩୬ରୁ ୫୧ ମଧ୍ୟରେ ରହିଛି । ନିମ୍ନଲିଖିତ ଜିନିଷଗୁଡ଼ିକୁ ହାସଲ କରିବା ପାଇଁ ରାଷ୍ଟ୍ର ଉଦ୍ୟମ କରିବା ଉଚିତ୍ ବୋଲି ନିର୍ଦ୍ଦେଶାବଳୀଗୁଡ଼ିକ ଦର୍ଶାଇଛି ।



୧. ଜନକଲ୍ୟାଣର ପ୍ରୋତ୍ସାହନ ପାଇଁ ଏକ ସାମାଜିକ ଶୃଙ୍ଖଳାର ସୁରକ୍ଷା କରିବା (ଧାରା ୩୮)

୨. ନାଗରିକମାନଙ୍କୁ ପର୍ଯ୍ୟାପ୍ତ ଜୀବିକା ନିର୍ବାହ କରିବା, ସମୁଦାୟ ମଧ୍ୟରେ ସାଧାରଣ ଦ୍ରବ୍ୟ ବିତରଣ ନିମନ୍ତେ ସାମଗ୍ରୀର ଉତ୍ସ ଉପରେ ମାଲିକାନା ଏବଂ ନିୟନ୍ତ୍ରଣ, ଅର୍ଥନୈତିକ ବ୍ୟବସ୍ଥାର ପରିଚାଳନା, ଧନର ବଣ୍ଟନ ଏବଂ ଉତ୍ପାଦନର ମାଧ୍ୟମ ଉପରେ କେନ୍ଦ୍ରୀଭୂତ ହେବନାହିଁ। ଉଭୟ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସମାନ କାର୍ଯ୍ୟ ନିମନ୍ତେ ସମାନ ବେତନ, ଉଭୟ ପୁରୁଷ ଏବଂ ମହିଳା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଏବଂ ଶକ୍ତି ବୃଦ୍ଧିକୁ ଆରମ୍ଭ କରିବା ପାଇଁ ପ୍ରୟାସରେ ଏହି ନିୟମ ନିର୍ଦ୍ଦେଶ ଦେଇଥାଏ। ଶିଶୁମାନେ ସୁସ୍ଥ ଭାବେ ବିକଶିତ ହେବା ପାଇଁ ସୁଯୋଗ ଏବଂ ସୁବିଧା ପ୍ରଦାନ କରିଥାଏ ତଥା ଶିଶୁ ଏବଂ ଯୁବକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ସ୍ୱାଧୀନତା ଏବଂ ସମ୍ମାନର ସହ ବକ୍ତବ୍ୟକୁ ସୁଯୋଗ ଦେଇଥାଏ।

୩. ସମାନ ନ୍ୟାୟ ଏବଂ ମାଗଣା ଆଇନ୍ ସହାୟତା ପ୍ରଦାନ କରିବା (ଧାରା ୩୯(କ))।

୪. ଗ୍ରାମ ପଞ୍ଚାୟତକୁ ସୁସଙ୍ଗଠିତ କରିବା (ଧାରା ୪୦)

୫. କାର୍ଯ୍ୟ କରିବା, ଶିକ୍ଷାର ଅଧିକାରକୁ ସୁରକ୍ଷିତ କରିବା ପାଇଁ ବେକାରୀ କ୍ଷେତ୍ରରେ ଜନସାଧାରଣଙ୍କୁ ସାହାଯ୍ୟ, ବାର୍ଦ୍ଧକ୍ୟ ଅବସ୍ଥା, ରୁଗଣ୍ ଏବଂ ବିସ୍ଥାପନ ଏବଂ ଅନାବଶ୍ୟକ ଆବଶ୍ୟକତାର ଅନ୍ୟାନ୍ୟ ମାମଲାକୁ ସୁରକ୍ଷିତ କରିବା ପାଇଁ ପ୍ରଭାବୀ ବ୍ୟବସ୍ଥା କରିବା (ଧାରା ୪୧)

୬. କାର୍ଯ୍ୟର ସୁରକ୍ଷା ଏବଂ କାର୍ଯ୍ୟକ୍ଷେତ୍ରରେ ମାନବର ଅବସ୍ଥା ଏବଂ ମାତୃତ୍ୱ ନିମନ୍ତେ ଅବ୍ୟାହିତର ବ୍ୟବସ୍ଥା ରହିଛି।

୭. ସମସ୍ତ କର୍ମଚାରୀ, କୃଷି, ଶିଳ୍ପ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ, ଜୀବିକା ମଜୁରୀ ଏକ ଉପଯୁକ୍ତ ମାନର ଜୀବନ ନିମନ୍ତେ କାର୍ଯ୍ୟର ପରିସ୍ଥିତି ଏବଂ ଅବକାଶ ଓ ସାମାଜିକ ଏବଂ ସାଂସ୍କୃତିକ ସୁଯୋଗକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ଏବଂ ଗ୍ରାମାଞ୍ଚଳରେ ବ୍ୟକ୍ତିବିଶେଷଙ୍କୁ ନେଇ କିମ୍ବା ସମବାୟ ଭାବେ କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରି, ଉପଯୁକ୍ତ ଆଇନ୍ କିମ୍ବା ଅର୍ଥନୈତିକ ସଙ୍ଗଠନ କିମ୍ବା ଅନ୍ୟାନ୍ୟ ଉପାୟରେ ଏହାକୁ ସୁରକ୍ଷିତ ରଖିବା।

୮. ଉପଯୁକ୍ତ ନିୟମ କିମ୍ବା ଅନ୍ୟ କୌଣସି ଉପାୟରେ, ମ୍ୟାନେଜ୍‌ମେଣ୍ଟ ଅଫ୍ ଅଣ୍ଡରଟେକିଂ, ପ୍ରତିଷ୍ଠାନ କିମ୍ବା ଅନ୍ୟାନ୍ୟ ସଙ୍ଗଠନର ପରିଚାଳନାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଅଂଶଗ୍ରହଣକୁ ନିଶ୍ଚିତ କରିବାକୁ କାର୍ଯ୍ୟକରେ। (ଧାରା ୪୩ କ)

୯. ସମଗ୍ର ଭାରତରେ ନାଗରିକମାନଙ୍କ ପାଇଁ ଏକ ସମାନ ନାଗରିକ ସଂହିତାକୁ ସୁରକ୍ଷିତ କରିବା। (ଧାରା ୪୪)

୧୦. ସମ୍ବିଧାନ ଆରମ୍ଭରୁ ଦଶ ବର୍ଷ ପାଇଁ ସମସ୍ତ ପିଲାଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା, ଯେ ପର୍ଯ୍ୟନ୍ତ ସେମାନେ ଚଉଦ ବର୍ଷ ବୟସରେ ପହଞ୍ଚିନାହାନ୍ତି। (ଧାରା ୪୫)

୧୧. ସମାଜର ଦୁର୍ବଳ ବିଭାଗ ନିର୍ଦ୍ଦିଷ୍ଟ ରୂପେ ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ ସ୍ୱତନ୍ତ୍ର ଯତ୍ନ ସହିତ ଶିକ୍ଷାଗତ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସାମାଜିକ ଅନ୍ୟାୟ ଏବଂ ସମସ୍ତ ପ୍ରକାର ଶୋଷଣରୁ ସୁରକ୍ଷିତ ରଖିବା। (ଧାରା ୪୬)

୧୨. ଲୋକମାନଙ୍କର ପୁଷ୍ଟିର ସ୍ତର ଏବଂ ଲୋକମାନଙ୍କର ଜୀବନଧାରଣ ମାନ ବୃଦ୍ଧି କରିବା ଏବଂ ଜନସ୍ୱାସ୍ଥ୍ୟର ଉନ୍ନତି କରିବା ଏହାର ପ୍ରାଥମିକ କର୍ତ୍ତବ୍ୟ ଏବଂ ବିଷାକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ଯଦି ଏହାକୁ ଔଷଧ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉ ନାହିଁ, ତେବେ ବିଶେଷ ଭାବରେ ରାଷ୍ଟ୍ର ଏହାର ବ୍ୟବହାର ଉପରେ ନିଷେଧାଦେଶ ଆଣିବ। (ଧାରା ୪୭)

୧୩. ଆଧୁନିକ ଏବଂ ବୈଜ୍ଞାନିକ ପଦ୍ଧତିରେ କୃଷି ଏବଂ ପଶୁପାଳନକୁ ସଙ୍ଗଠିତ କରିବା ଏବଂ ବିଶେଷ ରୂପେ ଗୋ ସଂରକ୍ଷଣ ଏବଂ ଭଲ ପ୍ରଜାତିର ବାଛୁରୀ ଏବଂ ଅନ୍ୟ ଗୋରୁମାନଙ୍କର ବିକାଶ କରିବା (ଧାରା ୪୮)।

୧୪. ପରିବେଶର ସୁରକ୍ଷା ଏବଂ ବିକାଶ ଏବଂ ଦେଶର ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା କରିବା (ଧାରା ୪୮)

୧୫.	ପ୍ରତ୍ୟେକ ସ୍ମାରକୀ କିମ୍ବା ସ୍ଥାନ କିମ୍ବା କଳା କିମ୍ବା ଐତିହାସିକ ଆଗ୍ରହକୁ ସୁରକ୍ଷା ଦେବା ପାଇଁ ସଂସଦ ଦ୍ୱାରା ପ୍ରସ୍ତୁତ ଆଇନ୍ ଅନୁଯାୟୀ ଏହାକୁ ଜାତୀୟ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଘୋଷଣା କରାଯାଇ, ବିସ୍ତାର, ବିନାଶ, ଅପସାରଣ କିମ୍ବା ନିଷ୍କାସନ, କିମ୍ବା ରପ୍ତାନି, ବା ଅନ୍ୟ ଯେ କୌଣସି ଉପାୟରେ ହୋଇପାରେ, ସେହି ଅନୁସାରେ ଏହାକୁ ସୁରକ୍ଷା ଦେବା (ଧାରା ୪୯)।

୧୬.	ରାଷ୍ଟ୍ରର ଜନସେବାରେ ନ୍ୟାୟପାଳିକାକୁ କାର୍ଯ୍ୟନିର୍ବାହୀଠାରୁ ଅଲଗା କରିବା (ଧାରା ୫୦)

୧୭.	ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବା: ରାଷ୍ଟ୍ରମାନଙ୍କ ମଧ୍ୟରେ କେବଳ ସମ୍ମାନଜନକ ସମ୍ପର୍କ ବଜାୟ ରଖିବା: ଆନ୍ତର୍ଜାତୀୟ ଆଇନ୍ ପ୍ରତି ସମ୍ମାନ ବୃଦ୍ଧି ଏବଂ ଆର୍ବିଟ୍ରେସନ୍ ଦ୍ୱାରା ଅନ୍ତର୍ଜାତୀୟ ବିବାଦର ସମାଧାନକୁ ଉତ୍ସାହିତ କରିବା (ଧାରା ୫୧)

## ୧.୬: ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା



ଧାରା ୧୯ (୧) (କ) ଦର୍ଶାଇ ଥାଏ ଯେ, 'ସବୁ ନାଗରିକମାନେ ବକ୍ତବ୍ୟ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାର ପାଇବେ।' ଏହିପରି ସମସ୍ତ ନାଗରିକ ସେମାନଙ୍କର ମତ, ମତାମତ ଏବଂ ବିଶ୍ୱାସକୁ ମୁକ୍ତ ଭାବେ ଅଭିବ୍ୟକ୍ତ କରିବାର ଅଧିକାରକୁ ଉପଭୋଗ କରିଥାନ୍ତି। ପ୍ରେସ୍ ଏବଂ ଗଣମାଧ୍ୟମ ଏହି ଉଦ୍ଦେଶ୍ୟକୁ ସଶକ୍ତ କରିଥାଏ, ଯେମିତିକି ଖୋଜିବା ଏବଂ ଗ୍ରହଣ କରିବାର ଅଧିକାର ଏବଂ ସୂଚନା ଏବଂ ବିଚାରକୁ କାର୍ଯ୍ୟକ୍ଷମ କରିଥାଏ। ମୁକ୍ତ ଅଭିବ୍ୟକ୍ତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ମାଧ୍ୟମର ଆବଶ୍ୟକତା ହୋଇଥାଏ, ଯାହା ମାଧ୍ୟମରେ ସୂଚନା ଏବଂ ବିଚାରକୁ ଯୋଗାଯୋଗ କରାଯାଇପାରେ, ଏହା ସ୍ୱାଭାବିକ ଭାବେ ଅନୁସରଣ କରିଥାଏ ଯେ, ସ୍ୱାଧୀନ ଅଭିବ୍ୟକ୍ତିର ମାଧ୍ୟମ ମଧ୍ୟ ସ୍ୱାଧୀନ ହେବ। ଆମର ସମ୍ବିଧାନ ପ୍ରେସ୍ ସ୍ୱାଧୀନତାକୁ ବିଶେଷ ଭାବେ ଉଲ୍ଲେଖ କରେନାହିଁ। ତେବେ, ସୁପ୍ରିମ୍‌କୋର୍ଟ ଉପରୋକ୍ତ ତର୍କକୁ ଅନୁସରଣ କରି, ଅତି ସ୍ପଷ୍ଟ ଭାବେ ନିୟମ କରିଛନ୍ତି ଯେ ପ୍ରେସ୍‌ର ସ୍ୱାଧୀନତା ଅଭିବ୍ୟକ୍ତିର ସ୍ୱାଧୀନତାକୁ ନିଶ୍ଚିତତା ପ୍ରଦାନ କରିଥାଏ, ଯାହା ପ୍ରକାଶନ ଏବଂ ପ୍ରଚାର କରିବାର ସ୍ୱାଧୀନତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ସର୍ବୋଚ୍ଚ ନ୍ୟାୟାଳୟ ଘୋଷଣା କରିଛନ୍ତି ଯେ ପ୍ରେସ୍‌ର ସ୍ୱାଧୀନତା ପାଇଁ ପୃଥକ୍ ବ୍ୟବସ୍ଥା କରିବାର କୌଣସି ଆବଶ୍ୟକତା ନାହିଁ। ଯେହେତୁ ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଏହି ଅଧିକାର ସୁନିଶ୍ଚିତ କରାଯାଇଛି, ପ୍ରେସ୍‌ର ଅଧିକାର ଜଣେ ନାଗରିକଙ୍କ ଅଧିକାରଠାରୁ ଅଧିକ ନୁହେଁ, ତେଣୁ ପ୍ରେସ୍ କୌଣସି ବିଶେଷ ଅଧିକାର ଦାବି କରି ପାରିବ ନାହିଁ।

କିନ୍ତୁ ଏହା ସମ୍ପୂର୍ଣ୍ଣ ସ୍ୱାଧୀନତା ନୁହେଁ, ଏହି ସ୍ୱାଧୀନତାର ସୀମା ଅନୁଚ୍ଛେଦ ୧୯(୨)ରେ ଦର୍ଶାଯାଇଛି।

### ୧.୬.୧: ଅନୁଚ୍ଛେଦ ୧୯(୨)

ସମ୍ବିଧାନର ଅନୁଚ୍ଛେଦ ୧୯(୨) ରାଷ୍ଟ୍ରକୁ ସ୍ୱାଧୀନତାର କାର୍ଯ୍ୟକାରିତା ଉପରେ ଯୁକ୍ତିଯୁକ୍ତ ନିୟମ ପ୍ରଣୟନ କରିବାକୁ କ୍ଷମତା ପ୍ରଦାନ କରେ। 'ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା, ରାଷ୍ଟ୍ରର ସୁରକ୍ଷା, ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ଜନାଦେଶ, ଶୃଙ୍ଖଳା ଏବଂ ନୈତିକତା, କିମ୍ବା କୋର୍ଟର ଅବମାନନା,

ବଦନାମ କିମ୍ୱା ଏକ ଅପରାଧ ପାଇଁ ଉତ୍ତେଜନା ସମ୍ବନ୍ଧୀୟ ପ୍ରସଙ୍ଗର ସ୍ୱାର୍ଥ।' ଏହିପରି ସମ୍ବିଧାନ ନିମ୍ନୋକ୍ତ କାର୍ଯ୍ୟର ଅଧିକ ଆଗ୍ରହର ସୁରକ୍ଷା ପାଇଁ ପ୍ରତିବନ୍ଧକକୁ ଅନୁମତି ଦେଇଥାଏ।

(କ) ରାଷ୍ଟ୍ର, ଏହାର ଅସ୍ତିତ୍ୱ ବଜାୟ ରଖିବାର ଆବଶ୍ୟକତା ଭଳି କାର୍ଯ୍ୟ।

(ଖ) ସମାଜ, ଗଣ ନିରାପତ୍ତା ଏବଂ ଶାନ୍ତି, ଶୃଙ୍ଖଳା ଏବଂ ନୈତିକତା, ଜନସାଧାରଣଙ୍କ ଆତ୍ମବିଶ୍ୱାସ, ନ୍ୟାୟ ବ୍ୟବସ୍ଥା ଏବଂ

(ଗ) ବ୍ୟକ୍ତି, ତାଙ୍କର ପ୍ରତିଷ୍ଠା ଏବଂ ଯଥାର୍ଥ ଖ୍ୟାତି ଉପଭୋଗ କରିବା

## ୧.୭: ଅଦାଲତ ଅବମାନନା

ସରକାରଙ୍କର ତିନିଟି ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟରୁ ନ୍ୟାୟପାଳିକା ହେଉଛି ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ନିୟମକୁ ବ୍ୟାଖ୍ୟା କରେ। ନ୍ୟାୟପାଳିକା ବ୍ୟକ୍ତିବିଶେଷଙ୍କ ମଧ୍ୟରେ, ରାଜ୍ୟ ଏବଂ ବ୍ୟକ୍ତିମାନଙ୍କ ମଧ୍ୟରେ ଏବଂ ରାଜ୍ୟର ବିଭିନ୍ନ ଉପାଦାନ ମଧ୍ୟରେ ବିବାଦର ସମାଧାନ କରିଥାଏ। ଏହା ପ୍ରଭାବଶାଳୀ ହୋଇଥାଏ ଏବଂ ଏହାର ନିରପେକ୍ଷତା, ନ୍ୟାୟ ଏବଂ ବ୍ୟକ୍ତିର ଅଧିକାର ପାଇଁ, ରାଷ୍ଟ୍ରର ସ୍ୱାର୍ଥ ପାଇଁ ଏବଂ ସମାଜର ମଙ୍ଗଳ ପାଇଁ ଏହା ଉପରେ ସମସ୍ତଙ୍କର ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ରହିବା ଆବଶ୍ୟକ। ଏଥିପାଇଁ ଏହାର ସ୍ୱାଧୀନତା ନିଶ୍ଚିତ ରୂପେ ରହିବା ଜରୁରୀ। ଏହାର କାର୍ଯ୍ୟରେ କୌଣସି ହସ୍ତକ୍ଷେପ ରହିବା ଉଚିତ୍ ନୁହେଁ ଏବଂ ଏହାକୁ କେହି ପ୍ରଭାବିତ କରିବା କିମ୍ୱା ଭୟଭୀତ କରିବା ଉଚିତ୍ ନୁହେଁ। ଯଦି ଏଭଳି କାର୍ଯ୍ୟ କରାଯାଏ, ତେବେ ତାହାର ଦଣ୍ଡ ବିଧାନ କରାଯିବ।

ଏହା ହେଉଛି ଅଦାଲତ ଅବମାନନା ଆଇନ୍ ପ୍ରଦାନ କରିବାର ବ୍ୟାପକ ଉଦ୍ଦେଶ୍ୟ। ଅଦାଲତ ଅବମାନନା ଅଧିନିୟମ ୧୯୭୧ର ଧାରା ୨ ଅନୁଯାୟୀ ଅବମାନନା ଦୁଇ ପ୍ରକାରର ହୋଇଥାଏ। ନାଗରିକ (ସିଭିଲ୍) ଅବମାନନା ଏବଂ ଫୌଜଦାରୀ (ଅପରାଧିକ) ଅବମାନନା।

୧.୭.୧: ନାଗରିକ ଅବମାନନାର ଅର୍ଥ କୌଣସି ବିଚାର, ଆଦେଶ, ନିର୍ଦ୍ଦେଶ, ଆଦେଶ, ଲିଖନ କିମ୍ୱା ଅଦାଲତର ଅନ୍ୟାନ୍ୟ ପ୍ରକ୍ରିୟାକୁ ଇଚ୍ଛାକୃତ ଉଲ୍ଲଙ୍ଘନ କିମ୍ୱା ଅଦାଲତକୁ ଦିଆଯାଇଥିବା ଅଣ୍ଡରଟେକିଂ (ଲିଖିତ ସ୍ୱୀକାରୋକ୍ତି)କୁ ଇଚ୍ଛାକୃତ ଉଲ୍ଲଙ୍ଘନ କରିବା

୧.୭.୨: ଅପରାଧିକ ଅବମାନନାର ଅର୍ଥ କୌଣସି ବିଷୟର ପ୍ରକାଶନ କିମ୍ୱା ସେହିଭଳି ଅନ୍ୟ ଯେ କୌଣସି କାର୍ଯ୍ୟ ଯାହା

(କ) କୌଣସି ଅଦାଲତର କର୍ତ୍ତୃପକ୍ଷଙ୍କୁ ବଦନାମ କରିବାକୁ କିମ୍ୱା ନୀଚ ଦେଖାଇବାକୁ ଚେଷ୍ଟା କରେ।

(ଖ) କୌଣସି ନ୍ୟାୟିକ ଅଗ୍ରଗତି କାର୍ଯ୍ୟରେ ପ୍ରକ୍ରିୟାକ୍ରମେ ବାଧା ସୃଷ୍ଟି କରେ କିମ୍ୱା ହସ୍ତକ୍ଷେପ କରେ।

(ଗ) ଯେ କୌଣସି ଅନ୍ୟ ଉପାୟରେ କୌଣସି ନ୍ୟାୟ ବ୍ୟବସ୍ଥାରେ ହସ୍ତକ୍ଷେପ କିମ୍ୱା ବାଧା ସୃଷ୍ଟି କରେ।

ଯେ କୌଣସି ଜିନିଷର ପ୍ରକାଶନ, ଯାହା ବିଚାରପତିଙ୍କ ଅଖଣ୍ଡତା, ଦକ୍ଷତା କିମ୍ୱା ନ୍ୟାୟକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ଲାଗେ କିମ୍ୱା ନ୍ୟାୟାଳୟର ବ୍ୟବସ୍ଥା, ଅବମାନନାର ପରିଣାମ ଉପରେ ଯାହା ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥାଏ।

ସରକାରୀ କର୍ତ୍ତବ୍ୟକୁ ପାଳନ କରିବା କ୍ଷେତ୍ରରେ ବିଚାରପତିଙ୍କ ମନ ମଧ୍ୟରେ ବିରକ୍ତି ଭାବ ଜାତ କରୁଥିବା ପ୍ରକାଶନ ହେଉଛି ନ୍ୟାୟାଳୟର ଅବମାନନା।

'ସମ୍ବାଦପତ୍ର ଦ୍ୱାରା ବିଚାର' ବିଚାରାଧୀନ ମାମଲାଗୁଡ଼ିକ କ୍ଷେତ୍ରରେ, ନ୍ୟାୟ ବ୍ୟବସ୍ଥାରେ ହସ୍ତକ୍ଷେପ ବୋଲି ବିଚାର କରାଯାଏ। କୋର୍ଟର ଅବମାନନାକୁ ନେଇ ନ୍ୟାୟ ବ୍ୟବସ୍ଥାରେ ଦୋଷୀ ସାବ୍ୟସ୍ତ ହେବାର ଏଥିରେ କିଛି ଉଦାହରଣ ରହିଛି।

ତେବେ, କେବଳ ମହତ୍ତ୍ୱପୂର୍ଣ୍ଣ ହସ୍ତକ୍ଷେପକୁ ଛାଡ଼ିଦେଲେ ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି କଲେ ଦଣ୍ଡ ବିଧାନ କରାଯାଇପାରେ। ସମାନ ଭାବରେ ଦେୱାନୀ କିମ୍ବା ଫୌଜଦାରୀ ପ୍ରକ୍ରିୟା ବିଚାରାଧୀନ ଥିବାବେଳେ, ଜଣେ ବ୍ୟକ୍ତି ନିର୍ଦ୍ଦୋଷ ପ୍ରକାଶନ ଏବଂ ବିତରଣ ପାଇଁ କୋର୍ଟର ଅବମାନନାରେ ଦୋଷୀ ହେବେ ନାହିଁ, ନଚେତ୍ ଏହା ଅନ୍ୟଥା ଅବମାନନା କରିବାକୁ ବିବେଚନା କରିବ।

ନ୍ୟାୟିକ ପ୍ରକ୍ରିୟାର ଏକ ନିରପେକ୍ଷ ଏବଂ ସଠିକ୍ ରିପୋର୍ଟ ଏକ ନ୍ୟାୟିକ କାର୍ଯ୍ୟର ଯଥାର୍ଥ ସମାଲୋଚନା ଏବଂ ଏକ ଅଧୀନସ୍ଥ ଅଦାଲତର ପ୍ରିଜାଇଡିଂ ଅଫିସରଙ୍କ ବିଷୟରେ ଏକ ସଚ୍ଚୋଟ ଅଭିଯୋଗ ଅଦାଲତର ଅବମାନନା ନୁହେଁ।

ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ, ବିବରଣୀ ସଂଗ୍ରହକାରୀ କୋର୍ଟ ହୋଇଥିବାରୁ ଅବମାନନା ପାଇଁ କାହାକୁ ବି ଦଣ୍ଡିତ କରିପାରନ୍ତି। ନିମ୍ନ ଅଦାଲତର ଅବମାନନାକୁ ନିଜର ଅବମାନନା ଭାବେ ଗ୍ରହଣ କରି ଏହି ଅବମାନନା ପାଇଁ ପ୍ରତ୍ୟେକ ହାଇକୋର୍ଟଙ୍କର କାହାକୁ ବି ଦଣ୍ଡ ଦେବାର କ୍ଷମତା ମଧ୍ୟ ରହିଛି।

**ଦଣ୍ଡ**

ଜଣେ ଅବମାନନାକାରୀଙ୍କୁ ଛଅ ମାସର ଏକ ଅବଧି ପାଇଁ କୋହଳ କାରାଦଣ୍ଡ କିମ୍ବା ୨୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରା ଯାଇପାରେ କିମ୍ବା ଉଭୟ ଲାଗୁ କରା ଯାଇପାରେ।

## ୧.୮: ବିଧାନସଭାର ଅବମାନନା

କିଛି ଦେଶରେ ସଂସଦକୁ ଅବମାନନା କରିବା, ବିଧାନସଭାରେ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିବାରେ କିମ୍ବା ବିଧାୟକଙ୍କ କୌଣସି କାର୍ଯ୍ୟରେ କିମ୍ବା କର୍ତ୍ତବ୍ୟ କରିବାରେ ବାଧା ଦେବା ଅପରାଧ ଅଟେ। ଏହି ଅପରାଧ ଅଧିକାର କ୍ଷେତ୍ରରେ ବିଭିନ୍ନ ନାମରେ ଜଣାଶୁଣା, ଯେଉଁଥିରେ ବିଧାନସଭାକୁ ସଂସଦ କୁହାଯାଏ ନାହିଁ। ଯେଉଁ କାର୍ଯ୍ୟଗୁଡ଼ିକୁ ସଂସଦର ଅବମାନନା ବୋଲି କୁହାଯାଇଥାଏ, ତାହା ମଧ୍ୟରେ ଅନ୍ତର୍ଭୁକ୍ତ-

- ବିଧାନସଭାର ଏକ ଗୃହ କିମ୍ବା ଏକ ବିଧାନ ପରିଷଦକୁ ସୁଚିନ୍ତିତ ଭାବେ ବିଭ୍ରାନ୍ତ କରିବା;
- ପୂର୍ବରୁ ସାକ୍ଷ୍ୟ ଦେବା ପାଇଁ ମନା କରିବା କିମ୍ବା ଏକ ଗୃହ କିମ୍ବା କମିଟି ନିକଟରେ ତଥ୍ୟ ଦାଖଲ କରିବାକୁ ମନା କରିବା
- ଧମକ ଦେଇ ବିଧାନସଭାର ଜଣେ ସଦସ୍ୟଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା।

କିଛି ପ୍ରାଧିକରଣରେ, ବିଧାନସଭାର ଏକ ଗୃହ କିମ୍ବା ଏକ ବିଧାନ ପରିଷଦ ଯେ କୌଣସି କାର୍ଯ୍ୟକୁ ଅବମାନନାପୂର୍ଣ୍ଣ ହୋଇଥିବା ସମ୍ପର୍କରେ ଘୋଷଣା କରିପାରନ୍ତି ଏବଂ ଏହା ନ୍ୟାୟିକ ସମୀକ୍ଷା ଅଧୀନସ୍ଥ ନୁହେଁ। ଅନ୍ୟ କ୍ଷେତ୍ରରେ ସଂସଦର ଅବମାନନା ନିୟମ ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଯେତେବେଳେ କି ଅବମାନନା ପାଇଁ ଅବମାନନା କରୁଥିବା ବ୍ୟକ୍ତି କିମ୍ବା ସଙ୍ଗଠନକୁ ବିଧାନସଭା ଦଣ୍ଡିତ କରିବ କି ନାହିଁ,

ସେ ବିଷୟରେ ପ୍ରାରମ୍ଭିକ ନିଷ୍ପତ୍ତି ନେଇଥାଏ। କିମ୍ବା ସେମାନେ କୋର୍ଟରେ ଆବେଦନ କରି ପାରନ୍ତି। କେତେକ ସଂସଦକୁ ଅବମାନନା ଏକ ଅପରାଧିକ କାର୍ଯ୍ୟ ବୋଲି ବିଚାର କରନ୍ତି।

## ୧.୯: ମାନହାନି

ଓଡ଼ିଆରେ 'ବଦନାମ' ଶବ୍ଦ 'ମାନହାନି' ଭାବେ ଜଣାଶୁଣା। ଆଧୁନିକ ନିୟମରେ ଏହା ଜଣେ ବ୍ୟକ୍ତିର ଖ୍ୟାତି ଏବଂ ପ୍ରତିଷ୍ଠା ଉପରେ ଆଘାତ ବୋଲି ବିଚାର କରାଯାଇଛି। ପ୍ରତିଷ୍ଠାକୁ ସମ୍ପତ୍ତି ଭାବରେ ବିବେଚନା କରାଯାଏ ଏବଂ ଏଥିରେ କୌଣସି କ୍ଷତି ଉଭୟ ଫୌଜଦାରୀ (ଅପରାଧିକ) ଏବଂ ଦେଓ୍ୱାନୀ (ନାଗରିକ) କାର୍ଯ୍ୟାନୁଷ୍ଠାନ ସୃଷ୍ଟି କରିପାରିବ।

ଭାରତରେ ବଦନାମକୁ ନେଇ କୌଣସି ଅଲଗା ନିୟମ ନାହିଁ। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ରେ ଚାରୋଟି ବିଭାଗ ରହିଛି ଯାହା ବଦନାମ କ'ଣ ଏବଂ ଏଥିରୁ ରକ୍ଷା ପାଇବାର ଉପାୟ ଏବଂ ଦଣ୍ଡଗୁଡ଼ିକ କ'ଣ, ତାହାକୁ ବର୍ଣ୍ଣନା କରିଥାଏ।

ବଦନାମ ଦୁଇ ପ୍ରକାରର: ୧. ମୌଖିକ ୨.ଲିଖିତ

ମୌଖିକ ଭାବେ ଅପମାନକୁ ବଦନାମ (slander) କୁହାଯାଏ, ଯେତେବେଳେ କି ଲିଖିତ ଅପମାନକୁ ମଧ୍ୟ ବଦନାମ (libel) କୁହାଯାଏ। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ଅନୁସାରେ ଉଭୟ ଅପରାଧ ଦଣ୍ଡନୀୟ।




## ୧.୯.୧: ମାନହାନି

ଅପବାଦ ହେଉଛି କାହା ବିଷୟରେ ମିଥ୍ୟା, ନକାରାତ୍ମକ କଥାବାର୍ତ୍ତା କରିବା, ଯେଉଁଥିରେ କେହି ଜଣେ ବ୍ୟକ୍ତି, ଜଣେ କିମ୍ବା ଅଧିକ ବ୍ୟକ୍ତିଙ୍କୁ ଅନ୍ୟ ବିଷୟରେ ମିଥ୍ୟା କହିଥାଏ। ଯାହା ସେହି ବ୍ୟକ୍ତିଙ୍କ ପ୍ରତିଷ୍ଠା ଉପରେ କ୍ଷତି ପହଞ୍ଚାଇଥାଏ ଏବଂ ତାଙ୍କୁ ବଦନାମ କରିଥାଏ। ଅପବାଦ ଏକ ନାଗରିକ ନିର୍ଯାତନା ଏବଂ ଏହା ମୋକଦ୍ଦମା ପାଇଁ ଆଧାର ହୋଇପାରେ। ଟେଲିଭିଜନ୍ କିମ୍ବା ରେଡିଓରେ ପ୍ରସାରଣ କରାଯାଇଥିବା ଶବ୍ଦଗୁଡ଼ିକ ମଧ୍ୟ ଏହି ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥାଏ ଯେ, ପ୍ରସାରଣର ବାର୍ତ୍ତା ବିପୁଳ ସଂଖ୍ୟକ ଦର୍ଶକଙ୍କ ପାଖରେ ପହଞ୍ଚିଥାଏ, ଯଦିଓ ଏହା ମୁଦ୍ରିତ ପ୍ରକାଶନ ଅପେକ୍ଷା ଅଧିକ ନୁହେଁ।

## ୧.୯.୨: ବଦନାମ

ଅପବାଦକୁ ଏମିତି ବ୍ୟାଖ୍ୟା କରାଯାଇପାରେ ଏହା ଏକ କ୍ଷତିକାରକ (କ୍ଷତି କରିଥାଏ) ପ୍ରକାଶନ, ଯାହା ମୁଦ୍ରଣ କିମ୍ବା ଲିଖିତ ଭାବେ କୌଣସି ଚିହ୍ନ, ରେଖାଚିତ୍ର, କାର୍ଟୁନ୍, ଛବି ମାଧ୍ୟମରେ ପ୍ରକାଶିତ ହୋଇଥାଏ, ଯାହା ଜଣେ ଜୀବିତ ବ୍ୟକ୍ତିଙ୍କୁ ସର୍ବସାଧାରଣରେ ଘୃଣିତ, ବଦନାମ, ଉପହସିତ କରି ତାଙ୍କ ସମ୍ମାନ ହାନି କରିଥାଏ। ସେହି ଅପମାନକୁ ନାଗରିକ ମାନହାନି କୁହାଯାଏ, ଯାହା ଅପମାନିତ ବ୍ୟକ୍ତିଙ୍କ କ୍ଷତି ପାଇଁ ଉତ୍ତରଦାୟୀ ହୋଇଥାଏ। ଯେତେବେଳେ ଏକ ମିଥ୍ୟା ଅପମାନଜନକ ତଥ୍ୟ ପ୍ରକାଶିତ ହୋଇଥାଏ ଏବଂ ଦଙ୍ଗା ଘଟାଇବାର କାରଣ ହୋଇଥାଏ, ଏହି ପ୍ରକାରର ମିଥ୍ୟା ଅପରାଧ ହେଉଛି ଫୌଜଦାରୀ (ଅପରାଧିକ) ଅପବାଦ, ଯାହା ଜନସାଧାରଣଙ୍କ ହିତ ପାଇଁ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ କ୍ଷତିକାରକ ହୋଇଥାଏ, ଯାହା ଦଣ୍ଡନୀୟ ହୋଇଥାଏ।

ବଦନାମ ଉଭୟ ଦେୱାନୀ ଏବଂ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ସୃଷ୍ଟି କରିଥାଏ। ବଦନାମ ସମ୍ବନ୍ଧୀୟ ନାଗରିକ ଆଇନ ଆମ ଦେଶରେ ସଂହିତାକୃତ ହୋଇନାହିଁ। ତେଣୁ ବଦନାମ ବିରୁଦ୍ଧରେ ଦେୱାନୀ କାର୍ଯ୍ୟ ହେଉଛି, ଇଂଲିଶ୍ କମନ ଲ', ଆଇନ୍‌ଗତ ବ୍ୟତିକ୍ରମ ଅଧୀନରେ ଆଧାରିତ ହୋଇଥାଏ।

ମାନହାନି ଫୌଜଦାରୀ (ଅପରାଧିକ) ଆଇନ୍ ଆଇପିସିର ଧାରା ୪୯୯ରୁ ୫୦୨ରେ ଅଛି ଏବଂ ଏହା ସମ୍ପୂର୍ଣ୍ଣ ଅଟେ। ଯଦି କଥିତ ଭାଷାରେ ଅପମାନିତ କରାଯାଇଥାଏ, ତେବେ ସେଥିରେ କୌଣସି ଦେୱାନୀ ନ୍ୟାୟିକ ପଦକ୍ଷେପ ନିଆଯାଏ ନାହିଁ। ପ୍ରେସ୍, ଏକ ଲିଖିତ ଏବଂ ମୁଦ୍ରିତ ମାଧ୍ୟମ ହୋଇଥାଏ, ଯେଉଁଠି କେବଳ ଲିଖିତ ଅପମାନକୁ ନେଇ ଅପରାଧ ହେବାର ସମ୍ଭାବନା ରହିଥାଏ। ବଦନାମ ପାଇଁ ଦେୱାନୀ ମୋକଦ୍ଦମା ଏବଂ ଫୌଜଦାରୀ ପ୍ରକ୍ରିୟା ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି କ୍ଷତିପୂରଣ ସମ୍ବନ୍ଧୀୟ। ଦେୱାନୀ କାର୍ଯ୍ୟ ହେଉଛି ଯେଉଁ ବ୍ୟକ୍ତିର ସମ୍ମାନ ହାନି ଘଟିଛି, କିମ୍ବା ତାଙ୍କୁ ବଦନାମ କରାଯାଇଛି, ସେଥିପାଇଁ ତାଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେବା; ଅପରାଧିକ ଅଭିଯୋଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପରାଧିଙ୍କୁ ଦଣ୍ଡ ଦେବା, ଉଭୟ ଜେଲ୍ କିମ୍ବା ଜୋରିମାନା ବି ହୋଇପାରେ।

ଫୌଜଦାରୀ ଆଇନ୍‌ରେ ଉଦ୍ଦେଶ୍ୟ ଦୋଷୀ ସାବ୍ୟସ୍ତ କରିବା ପାଇଁ ଆବଶ୍ୟକ ହୋଇଥାଏ। ଉତ୍ତମ ବିଶ୍ୱାସ ଫୌଜଦାରୀ ନିୟମର ବିରୋଧାଭାସ କରିଥାଏ। କିନ୍ତୁ ସତ୍ୟ ହେଉଛି ଯେ ଆଇପିସିର ଧାରା ୪୯୯ ଅନୁସାରେ ପ୍ରଥମ ବ୍ୟତିକ୍ରମ ବ୍ୟତୀତ ଫୌଜଦାରୀ ନ୍ୟାୟିକ ପ୍ରକ୍ରିୟାରେ କୌଣସି ପ୍ରତିରୋଧ ନଥାଏ। ଆଗକୁ ଏହା ପ୍ରମାଣ କରିବା ଦରକାର ଯେ ଅପମାନଜନକ ପ୍ରକାଶନ ଜନସାଧାରଣଙ୍କ ଭଲ ପାଇଁ କରାଯାଇଛି।

## ୧.୧୦: ଆସ ପ୍ରଗତି ମାପିବା

କ) ଭାରତୀୟ ନାଗରିକମାନଙ୍କ ପାଇଁ ସମ୍ବିଧାନ ଅଧୀନରେ କେଉଁ ଅଧିକାର ପ୍ରଦାନ କରାଯାଇଛି ?

-----------------------------------------------------------------------

-----------------------------------------------------------------------

----------------------------

ଖ) ଅଦାଲତରେ ମାନହାନି ମୋକଦ୍ଦମା କିଏ ଦାୟର କରି ପାରିବେ ?

------------------------------------------------------------------

------------------------------------------------------------------

---------------------------

ଗ) ଫୌଜଦାରୀ ମାନହାନି କ'ଣ ?

------------------------------------------------------------------

------------------------------------------------------------------

---------------------------

# ୟୁନିଟ୍ – ୨: ଗଣମାଧମ ସମ୍ବନ୍ଧୀୟ ବିଭିନ୍ନ ଅଧିନିୟମ ସମୂହ


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଦେଶଦ୍ରୋହ ଏବଂ ହିଂସା ଉଦ୍ରେକକାରୀ ଲେଖା

୨.୩.୧: ଦେଶଦ୍ରୋହ

୨.୩.୨: ହିଂସା ଉଦ୍ରେକକାରୀ ଲେଖା

୨.୪: ଭାରତୀୟ ଦଣ୍ଡ ସଂହିତା

୨.୪.୧: ବିଷୟ ପରିଚୟ

୨.୪.୨: ଧାରା ୧୫୩ (ଏ/କ): ବିଭିନ୍ନ ଧର୍ମ, ଜାତି, ଜନ୍ମସ୍ଥାନ, ବାସସ୍ଥାନ, ଭାଷା ଇତ୍ୟାଦି ଆଧାରରେ ବିଭିନ୍ନ ଗୋଷ୍ଠୀ ଭିତରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା: ସଦ୍ଭାବନାକୁ ବଜାୟ ରଖିବା ଭଳି କାର୍ଯ୍ୟ କ୍ଷେତ୍ରରେ ହାନିକାରକ କାର୍ଯ୍ୟ କରିବା।

୨.୪.୩: ଧାରା ୧୭୧(ଜି/ଛ) ଏକ ନିର୍ବାଚନ ସହିତ ସମ୍ପର୍କିତ ମିଥ୍ୟା ବକ୍ତବ୍ୟ

୨.୪.୪: ଧାରା ୨୯୨ ଅଶ୍ଳୀଳ ପୁସ୍ତକ ବିକ୍ରି ଇତ୍ୟାଦି

୨.୪.୫: ଧାରା ୨୯୪ (କ): ଲଟେରୀ ଅଫିସ୍ ପରିଚାଳନା କରିବା

୨.୪.୬: ଧାରା ୨୯୫ (କ): ସୁଚିନ୍ତିତ ଏବଂ ମାରାତ୍ମକ କାର୍ଯ୍ୟ କୌଣସି ଧର୍ମ କିମ୍ବା ଧାର୍ମିକ ବିଶ୍ୱାସକୁ ଅପମାନିତ କରି ସେହି ଧର୍ମର ଭାବନାକୁ ଆଘାତ କରିବା

୨.୪.୭: ଧାରା ୪୯୯: ମାନହାନି

୨.୪.୮: ଧାରା ୫୦୦: ମାନହାନି ପାଇଁ ଦଣ୍ଡ

୨.୪.୯: ଧାରା ୫୦୧: ମାନହାନି ସୂଚକ ଭାବରେ ଜଣାଶୁଣା ବିଷୟବସ୍ତୁର ମୁଦ୍ରଣ ଏବଂ ଖୋଦନ

୨.୪.୧୦: ଧାରା ୫୦୨: ମାନହାନି ପ୍ରସଙ୍ଗକୁ ଧାରଣ କରୁଥିବା ମୁଦ୍ରିତ କିମ୍ବା ଖୋଦିତ ଜିନିଷକୁ ବିକ୍ରି କରିବା

୨.୪.୧୧: ଧାରା ୫୦୫: ସାଧାରଣରେ କ୍ଷତି ପହଞ୍ଚାଇବା ଭଳି ମତାମତ ପ୍ରଦାନ

୨.୫: ଫୌଜଦାରୀ ନ୍ୟାୟିକ ପ୍ରକ୍ରିୟା ସଂହିତା, ୧୯୭୩

୨.୫.୧: ବିଭାଗ ୯୧: ତଥ୍ୟ କିମ୍ବା ଅନ୍ୟାନ୍ୟ ଜିନିଷ ଉପସ୍ଥାପନ କରିବା ପାଇଁ ସମନ ଜାରି

୨.୫.୨: ଧାରା ୯୩: କେତେବେଳେ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇପାରେ

୨.୫.୩: ଧାରା ୯୫: ନିର୍ଦ୍ଦିଷ୍ଟ ପ୍ରକାଶନକୁ ବର୍ଜନ କରିବାକୁ ଏବଂ ସମାନ କାର୍ଯ୍ୟ କରିବା ପାଇଁ ସର୍ଚ୍ଚ ୱାରେଣ୍ଟ୍ ଜାରି କରିବାକୁ କ୍ଷମତା

୨.୫.୪: ଧାରା ୩୪୯: ଉତ୍ତର ଦେବାକୁ କିମ୍ବା ତଥ୍ୟ ଉପସ୍ଥାପନ କରିବାକୁ ମନା କରୁଥିବା ବ୍ୟକ୍ତିଙ୍କୁ କାରାଦଣ୍ଡ କିମ୍ବା ଦଣ୍ଡ ବିଧାନ

୨.୫.୫: ଧାରା ୩୫୦: ସମନକୁ ମାନି ସାକ୍ଷୀ ଯଦି ଉପସ୍ଥିତ ନ ହୁଅନ୍ତି, ତେବେ ଦଣ୍ଡର ସଂକ୍ଷେପ ବିଚାର

୨.୬: ଅଫିସିଆଲ୍ ସିକ୍ରେଟ୍ ଆକ୍ଟ ୧୯୨୩

୨.୭: ସୂଚନା ଅଧିକାର ଆଇନ୍, ୨୦୦୫

୨.୮: ପ୍ରେସ୍ ଏବଂ ପୁସ୍ତକ ପଞ୍ଜୀକରଣ ଅଧିନିୟମ, ୧୮୨୭

୨.୯: ଇଣ୍ଟେଲେକ୍‌ଚୁଆଲ୍ ପ୍ରପର୍ଟି ରାଇଟ୍‌ସ
୨.୯.୧: ବିଶ୍ୱ ବାଣିଜ୍ୟ ସଙ୍ଗଠନ
୨.୧୦: ସ୍ୱତ୍ତ୍ୱାଧିକାର ନିୟମ, ୧୯୫୭
୨.୧୧: ଆସ ପ୍ରଗତି ମାପିବା

## ୨.୧: ପଠନର ଉଦ୍ଦେଶ୍ୟ

ପୂର୍ବ ଏକକରେ ଆମେ ଭାରତୀୟ ସମ୍ବିଧାନ ଏବଂ ନାଗରିକ ଏବଂ ସାମ୍ବାଦିକମାନଙ୍କୁ ଦିଆଯାଇଥିବା ବିଭିନ୍ନ ଅଧିକାର ଉପରେ ଆଲୋଚନା କରିଛେ। ଆମେ ଆହୁରି ମଧ୍ୟ ରାଷ୍ଟ୍ରନୀତିର ନିର୍ଦ୍ଦେଶନାମା ଏବଂ କିଛି ନିୟମ, ଯଥା: ଅଦାଲତଙ୍କୁ ଅବମାନନା, ବିଧାନସଭାଙ୍କୁ ଅବମାନନା ଏବଂ ମାନହାନି ସମ୍ପର୍କରେ ଆଲୋଚନା କରିଛେ। ଏହି ଏକକରେ ଆମେ ଭାରତୀୟ ଦଣ୍ଡ ସଂହିତାରେ ଉଲ୍ଲେଖ କରାଯାଇଥିବା କିଛି ପ୍ରାବଧାନ ସମ୍ପର୍କରେ ଆଲୋଚନା କରିବା, ଯଥା: ବିଭିନ୍ନ ବିଭାଗ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ନିୟମ ଯଥା:- ଅଫିସିଆଲ୍ ସିକ୍ରେଟ୍ ଆକ୍ଟ (ସରକାରୀ ଗୋପନୀୟତା ନିୟମ), ସୂଚନା ଅଧିକାର ନିୟମ, ପ୍ରେସ୍ ଏବଂ ପୁସ୍ତକ ପଞ୍ଜିକରଣ ଅଧିନିୟମ, ବୌଦ୍ଧିକ ସମ୍ପତ୍ତିର ଅଧିକାର ନିୟମ ଏବଂ ସ୍ୱତ୍ତ୍ୱାଧିକାର। ଏହି ଏକକ ପାଠ କରି ସାରିବା ପରେ ଆପଣମାନେ ବୁଝିବାକୁ ସକ୍ଷମ ହେବେ:

୧. ଦେଶଦ୍ରୋହ ଏବଂ ଉତ୍ତେଜନାମୂଳକ ଲେଖା କ'ଣ
୨. ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ବିଭାଗ ଏବଂ ପ୍ରାବଧାନ
୩. ଆଇପିସିରେ ଉଲ୍ଲେଖ କରାଯାଇଥିବା ଅପରାଧିକ ପ୍ରକ୍ରିୟା ସମୂହ
୪. ସରକାରୀ ଗୋପନୀୟତା ଆଇନ, ସୂଚନା ଅଧିକାର ଆଇନ, ପ୍ରେସ ଏବଂ ପୁସ୍ତକ ପଞ୍ଜିକରଣ ଅଧିନିୟମ, ବୌଦ୍ଧିକ ସମ୍ପତ୍ତିର ଅଧିକାର ଏବଂ କପି ରାଇଟ୍ସ ଆକ୍ଟ।

## ୨.୨: ବିଷୟ ପରିଚୟ



ଆମର ସମ୍ବିଧାନ ଆମକୁ ଉପଭୋଗ କରିବାକୁ ଅନେକ ଅଧିକାର ଏବଂ ସ୍ୱାଧୀନତା ଦେଇଛି। ଜଣେ ସାମ୍ବାଦିକଙ୍କ ପାଇଁ ସେହି ସମାନ କଥା ମଧ୍ୟ ପ୍ରଯୁଜ୍ୟ ହୋଇଥାଏ। ଜଣେ ସାମ୍ବାଦିକ ଏକ ଖବରକାଗଜରେ ଯାହା ଲେଖନ୍ତି କିମ୍ବା ନ୍ୟୁଜ୍ ଚ୍ୟାନେଲ୍‌ରେ ଯାହା ପ୍ରସାରଣ କରିଥାନ୍ତି, ଲୋକମାନେ ତା' ଉପରେ ବିଶ୍ୱାସ କରିଥାନ୍ତି। ତେଣୁ ଭୁଲ୍ କିମ୍ବା ବିଦ୍ୱେଷପୂର୍ଣ୍ଣ ପ୍ରକାଶନ ଏବଂ ଲେଖା କେବଳ ସଂପୃକ୍ତ ଲୋକମାନଙ୍କ ପାଇଁ ନୁହେଁ, ସମାଜ ପାଇଁ ମଧ୍ୟ କ୍ଷତିକାରକ ହୋଇଥାଏ। ତେଣୁ ଏହିଭଳି ଜିନିଷକୁ ଏଡ଼ାଇବା ପାଇଁ ଅନେକଗୁଡ଼ିଏ ନୀତି ନିୟମ ଏବଂ ଆଇନ୍ ରହିଛି। ଏପରିକି, ଯଦି ଭୁଲ୍ ଏବଂ ହାନିକାରକ ସୂଚନା ପ୍ରକାଶିତ ହୋଇଥାଏ, ଭାରତୀୟ ଦଣ୍ଡ ସଂହିତାରେ ସେଥିପାଇଁ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି।

ଏହି ଏକକରେ ଆମେ ସେହି ସମସ୍ତ ବିଭାଗ ଏବଂ ଆଇପିସିର କୋଡ୍ ବିଷୟରେ ଆଲୋଚନା କରିବା। ଆମେ ମଧ୍ୟ ସରକାରୀ ଗୋପନୀୟତା ଆଇନ ଏବଂ ସୂଚନା ଅଧିକାର ଆଇନ ଉପରେ ଆଲୋଚନା କରିବା।

## ୨.୩: ଦେଶଦ୍ରୋହ ଏବଂ ହିଂସା ଉଦ୍ରେକକାରୀ ଲେଖା



### ୨.୩.୧: ଦେଶଦ୍ରୋହ

ଭାରତୀୟ ଦଣ୍ଡ ସଂହିତାର ଧାରା ୨୧୪(କ) ଅନୁସାରେ: ଯିଏ, ଶବ୍ଦ, କଥିତ ବା ଲିଖିତ, କିମ୍ବା ଅବମାନନା, କିମ୍ବା ଭାରତର ନିୟମ ଦ୍ୱାରା ଗଠିତ ସରକାରଙ୍କ ପ୍ରତି ଅସନ୍ତୋଷକୁ ପ୍ରୋତ୍ସାହିତ କରିବା ପାଇଁ ଚେଷ୍ଟା କରିଥାଏ, ସେହି ବ୍ୟକ୍ତିଙ୍କୁ ଆଜୀବନ କାରାଦଣ୍ଡ ସହିତ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇଥାଏ କିମ୍ବା କାରାଦଣ୍ଡକୁ ଅଧିକ ତିନି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥାଏ, ଯେଉଁଥିରେ ଜୋରିମାନାକୁ ମଧ୍ୟ ଲାଗୁ କରାଯାଇପାରେ।

**ବ୍ୟାଖ୍ୟା-୧:** 'ଅସନ୍ତୋଷ' ଅଭିବ୍ୟକ୍ତିରେ ଅବିଶ୍ୱାସ ଏବଂ ଶତ୍ରୁତାର ସମସ୍ତ ଭାବନା ଅନ୍ତର୍ଭୁକ୍ତ।

**ବ୍ୟାଖ୍ୟା-୨:** ସରକାରଙ୍କ ପଦକ୍ଷେପଗୁଡ଼ିକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଥିବା ମନ୍ତବ୍ୟଗୁଡ଼ିକ ପୂର୍ବରୁ ରହିଥିବା କିମ୍ବା ଚେଷ୍ଟା ନକରି ଆଇନ୍‌ଗତ ଉପାୟରେ ସେଥିରେ ପରିବର୍ତ୍ତନ କରିବାକୁ, ଘୃଣା, ଅବମାନନା, କିମ୍ବା ଅସନ୍ତୋଷକୁ ଉତ୍ତେଜିତ ନକରିବା, ଏହି ବିଭାଗ ଅଧୀନରେ ଏକ ଅପରାଧ ସୃଷ୍ଟି କରେନାହିଁ।

**ବ୍ୟାଖ୍ୟା-୩:** ସରକାରଙ୍କ ପ୍ରଶାସନିକ କିମ୍ବା ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଉପରେ ଅସନ୍ତୋଷ ବ୍ୟକ୍ତ କରୁଥିବା କାର୍ଯ୍ୟଗୁଡ଼ିକ, ପୂର୍ବରୁ ରହିଥିବା କିମ୍ବା ଘୃଣା, ଅବମାନନା,ଉତ୍ତେଜନା ସୃଷ୍ଟି କରି କାର୍ଯ୍ୟକୁ ଅଧିକ ଉତ୍ତେଜିତ କରିବାକୁ ଚେଷ୍ଟା ନକରିବା ଏହି ବିଭାଗ ଅଧୀନରେ ଏକ ଅପରାଧ ସୃଷ୍ଟି କରେନାହିଁ।

**୨.୩.୨:** ଉତ୍ତେଜନା ସୃଷ୍ଟିକାରୀ ଲେଖା ହେଉଛି ଏକ ପ୍ରକାର ବିବୃତ୍ତି ଯାହା ଉଦ୍ଦେଶ୍ୟମୂଳକ ଭାବରେ ଭାବନାକୁ ଉତ୍ତେଜିତ କରିଥାଏ, କ୍ରୋଧ ସୃଷ୍ଟି କରାଏ କିମ୍ବା ଶାରୀରିକ ପ୍ରତିକ୍ରିୟାକୁ ଆହ୍ୱାନ କରିଥାଏ। ନାମ ଧରି ଡାକିବା ଅନ୍ୟ ଏକ ପ୍ରକାର ରୂପ, କିନ୍ତୁ, ଏହାର ବ୍ୟବହାର ପରିସରର ବ୍ୟାପକ ହୋଇଥାଏ, ଏହି ଅର୍ଥରେ ଯାହା ଆକ୍ରମଣ, ଅତ୍ୟାଚାର କିମ୍ବା ଲୋକମାନଙ୍କର ଗୋଷ୍ଠୀ, ଜଣାଶୁଣା ବ୍ୟକ୍ତିତ୍ୱଙ୍କ ଉପରେ ଘୃଣା କିମ୍ବା କ୍ରୋଧ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ, ସେହି ଅର୍ଥରେ ଏହା ବ୍ୟବହୃତ ହୋଇଥାଏ।

ଗର୍ଭପାତ କରାଉଥିବା ଡାକ୍ତରଙ୍କ ନାମ ଏବଂ ଫଟୋଗ୍ରାଫ୍‌କୁ ବ୍ୟବହାର କରି 'ୱାଣ୍ଟେଡ୍' ପୋଷ୍ଟର ପୋଷ୍ଟ କରିଥିବା ୱେବସାଇଟ୍‌ଗୁଡ଼ିକ ଏକ ଉଦାହରଣ ହୋଇପାରିବେ। ହିଟ୍‌ଲରଙ୍କର ଅଧିକାଂଶ ପ୍ରସିଦ୍ଧ ଭାଷଣ, ଯେଉଁଥିରେ ଯିହୁଦୀ ବିରୋଧୀ ଭାବନା ସହିତ ଜାତୀୟ ଦେଶପ୍ରେମ ଭାବନାର ମିଶ୍ରଣ ରହିଥାଏ ଏବଂ ଯାହା ଶ୍ରୋତାମାନଙ୍କ ମଧ୍ୟରେ 'ବର୍ତ୍ତମାନ କରିବା' ଭଳି କଥା ଉତ୍ତେଜନାମୂଳକ ଭାଷା ମଧ୍ୟ ଅଗ୍ନିବର୍ଷୀ ଭାଷାର ଉଦାହରଣ ହୋଇଥାଏ।

## ୨.୪: ଭାରତୀୟ ଦଣ୍ଡ ସଂହିତା

### ୨.୪.୧: ବିଷୟ ପରିଚୟ

ଭାରତୀୟ ଦଣ୍ଡ ସଂହିତା ସମାଜରେ ଘଟୁଥିବା ପ୍ରାୟ ସମସ୍ତ ପ୍ରକାର ଅପରାଧକୁ ଅନ୍ତର୍ଭୁକ୍ତ କରେ। ୧୮୬୦ ମସିହାରୁ ବ୍ରିଟିଶ ଉପନିବେଶ ଆଇନ୍‌ର ଏହା ଏକ ଖଣ୍ଡ। ବର୍ତ୍ତମାନ ଏହା ଜାମ୍ମୁ କାଶ୍ମୀର ସମେତ ସମଗ୍ର ଦେଶକୁ ଏକ ଦଣ୍ଡ ସଂହିତା ପ୍ରଦାନ କରିଛି। ଜାମ୍ମୁ କାଶ୍ମୀରରେ ଏହା ରଣବୀର ପେନାଲ୍ କୋଡ୍ (ଆରପିସି) ନାମରେ ପୁନଃନାମିତ ହୋଇଥିଲା। ଏହି ଭାରତୀୟ ସଂହିତା ଭାରତୀୟ ନାଗରିକଙ୍କ ଦ୍ୱାରା କରାଯାଇଥିବା ଯେ କୌଣସି ଅପରାଧ ପାଇଁ ଲାଗୁ କରାଯାଇପାରେ। ଭାରତୀୟ ଦଣ୍ଡ ସଂହିତାର ଡ୍ରାଫ୍ଟ (ଚିଠା) ପ୍ରଥମ ଲ' କମିଶନ ଲର୍ଡ ମ୍ୟାକଲେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ ହୋଇଥିଲା। ଏହି ଡ୍ରାଫ୍ଟରେ, ଅତ୍ୟନ୍ତ ଯତ୍ନଶୀଳ ସଂଶୋଧନ ପରେ ଏହା ୧୮୬୦ ମସିହାରେ ପାରିତ ହୋଇଥିଲା। ଏହାପରେ ଭାରତୀୟ ଦଣ୍ଡ ସଂହିତା କାର୍ଯ୍ୟକାରୀ ହେଲା ଏବଂ ନିୟମିତ ଭାବେ ଏଥିରେ ସଂଶୋଧନ କରାଯାଇଥାଏ।

ଏହି ସଂହିତାରେ ସମୁଦାୟ ୫୧୧ଟି ବିଭାଗ ରହିଛି, ଯାହା ଫୌଜଦାରୀ ଆଇନ୍‌ର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରିଥାଏ। ଫୌଜଦାରୀ ନ୍ୟାୟିକ ପ୍ରକ୍ରିୟା ସଂହିତା, ୧୯୭୩ ଅନେକ ଅପରାଧ ଉପରେ କାର୍ଯ୍ୟ କରିଥାଏ। ଜାମିନପ୍ରାପ୍ତ (ଅଭିଯୁକ୍ତର ଜାମିନ ପାଇବାର ଅଧିକାର ଅଛି) ଏବଂ ଜାମିନ୍ ପ୍ରାପ୍ତ ନହେବା (ଜାମିନ୍ ପ୍ରଦାନ କରିବାର ନିଷ୍ପତ୍ତି ହେଉଛି ଅଦାଲତର ନିଷ୍ପତ୍ତି), ଜ୍ଞାତ ଅପରାଧ (ଜଣେ ପୁଲିସ୍ ଅପରାଧୀକୁ ବିନା ୱାରେଣ୍ଟରେ ଗିରଫ କରିପାରିବ), ଅଜ୍ଞାତ ଅପରାଧ (ଜଣେ ପୁଲିସ୍ ଅପରାଧୀକୁ ବିନା ୱାରେଣ୍ଟରେ ଗିରଫ କରି ପାରିବେ ନାହିଁ), ସଂଯୋଜନୀୟ ଅପରାଧ (ବିବାଦୀୟ ପକ୍ଷଙ୍କ ଦ୍ୱାରା ଆପୋଷ ବୁଝାମଣା ହୋଇପାରେ) ଏବଂ ଅସଂଯୋଜନୀୟ (ଅସଙ୍ଗତ) ଯାହା କୌଣସି ଉପାୟରେ ଆପୋଷ ବୁଝାମଣା ହୋଇ ପାରିବନାହିଁ। ଉଭୟ ଭାରତୀୟ ଦଣ୍ଡ ସଂହିତା ଏବଂ ଫୌଜଦାରୀ ନ୍ୟାୟିକ ପ୍ରକ୍ରିୟା ସଂହିତା କ୍ଷେତ୍ରରେ କେତେକ ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଭାବରେ ଗଣମାଧମ ସହିତ କାରବାର କରେ। ଏହି ଅଧ୍ୟାୟ ସେହି ଅଂଶଗୁଡ଼ିକ ଉପରେ ଆଲୋଚନା କରେ ଯାହା ଗଣମାଧ୍ୟମ ପାଇଁ ପ୍ରାସଙ୍ଗିକ ଅଟେ।

### ୨.୪.୨: ଧାରା ୧୫୩ (କ)

**ବିଭିନ୍ନ ଧର୍ମ, ଜାତି, ଜନ୍ମସ୍ଥାନ, ବାସସ୍ଥାନ, ଭାଷା ଇତ୍ୟାଦି ଆଧାରରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା ଏବଂ ସଦ୍ଭାବ ରକ୍ଷା କରିବା କ୍ଷେତ୍ରରେ ହାନିକାରକ କାର୍ଯ୍ୟକଳାପକୁ ପ୍ରାଧାନ୍ୟ ଦେବା ଯେ କେହି**

(କ) କଥିତ କିମ୍ବା ଲିଖିତ ଶବ୍ଦ ଦ୍ୱାରା କିମ୍ବା ଚିତ୍ର ଦ୍ୱାରା କିମ୍ବା ଦୃଶ୍ୟମାନ ଉପସ୍ଥାପନ ଦ୍ୱାରା କିମ୍ବା ଅନ୍ୟ ଯେ କୌଣସି ମାଧ୍ୟମ ଦ୍ୱାରା ଧର୍ମ, ବର୍ଣ୍ଣ, ଜନ୍ମସ୍ଥାନ, ବାସସ୍ଥାନ, ଭାଷା, ଜାତି ଏବଂ ସମୁଦାୟ କିମ୍ବା ଅନ୍ୟ କୌଣସି ଆଧାରରେ ଅଣ ସଦ୍ଭାବନା କିମ୍ବା ଶତ୍ରୁତା, ଘୃଣା କିମ୍ବା ବିଭିନ୍ନ ଧର୍ମ ଭିତରେ ବିଦ୍ୱେଷ ଭାବକୁ ପ୍ରୋତ୍ସାହିତ କରିଥାଏ କିମ୍ବା କରିବାକୁ ଉଦ୍ୟମ କରିଥାଏ।

(ଖ) ବିଭିନ୍ନ ଧର୍ମ, ବର୍ଣ୍ଣ, ଭାଷା କିମ୍ବା ଧାର୍ମିକ ଗୋଷ୍ଠୀ କିମ୍ବା ଜାତି କିମ୍ବା ସମୁଦାୟ ମଧ୍ୟରେ ସଦ୍ଭାବନା ରକ୍ଷା କ୍ଷେତ୍ରରେ ହାନିକାରକ କାର୍ଯ୍ୟ ଏବଂ ଯାହା ସାର୍ବଜନୀନ ଶାନ୍ତିକୁ ଭଙ୍ଗ କରିଥାଏ, କିମ୍ବା

(ଗ) ଅପରାଧିକ ବଳକୁ ତାଲିମ୍ ଦେବା ପାଇଁ କୌଣସି କାର୍ଯ୍ୟ, ପଦକ୍ଷେପ, ଡ୍ରିଲ୍ (ଅଭ୍ୟାସ) କିମ୍ବା ସମାନ କାର୍ଯ୍ୟକଳାପକୁ ଆୟୋଜିତ କରିବା କିମ୍ବା କୌଣସି ଧାର୍ମିକ, ଜାତି, ଭାଷାଭିତ୍ତିକ ଗୋଷ୍ଠୀ କିମ୍ବା ଆଞ୍ଚଳିକ ଗୋଷ୍ଠୀ କିମ୍ବା ଜାତି ବା ସମୁଦାୟ କିମ୍ବା ଏଭଳି କାର୍ଯ୍ୟକଳାପ ଭୟର କାରଣ ହୋଇପାରେ କିମ୍ବା ଅସୁରକ୍ଷିତ ଅନୁଭବ କରିବାର କାରଣ ପାଲଟେ, ତାଙ୍କୁ ତିନି ବର୍ଷ ଜେଲ୍‌ଦଣ୍ଡ କିମ୍ବା ଜୋରିମାନା, କିମ୍ବା ଉଭୟ ଜେଲ୍‌ଦଣ୍ଡ ଓ ଜୋରିମାନାରେ ଦଣ୍ଡିତ କରା ଯାଇପାରେ।

**ପୂଜାସ୍ଥଳୀରେ ଘଟିଥିବା ଅପରାଧ, ଇତ୍ୟାଦି (୨)** ଯିଏ ଉପଧାରା (୧) ଅଧୀନରେ ନିର୍ଦ୍ଦିଷ୍ଟ କରାଯାଇଥିବା ଅପରାଧ ଘଟାଇଥାଏ କିମ୍ବା କୌଣସି ଧାର୍ମିକ ସଭା, ଧାର୍ମିକ ସମାରୋହରେ ଅପରାଧ ଘଟାଇଥାଏ, ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯାଇଥାଏ ଯାହା ପାଞ୍ଚବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇ ପାରିବ କିମ୍ବା ଜୋରିମାନା ଧାର୍ଯ୍ୟ କରାଯାଇ ପାରିବ ଏବଂ ଉଭୟ ଜେଲ୍‌ଦଣ୍ଡ ଓ ଜୋରିମାନା ମଧ୍ୟ ଦିଆଯାଇଥାଏ।

### ୨.୪.୩: ଧାରା ୧୭୧(ଛ)

***ଏକ ନିର୍ବାଚନ ସମ୍ପର୍କିତ ମିଥ୍ୟା ବିବୃତ୍ତି***

ଯିଏ କୌଣସି ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଚରିତ୍ର କିମ୍ବା ଚରିତ୍ରକୁ ନେଇ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ କୌଣସି ବିବୃତ୍ତି ତିଆରି କରେ କିମ୍ବା ମିଥ୍ୟା ତଥ୍ୟକୁ ସହାୟତା କରିବା ଭଳି ବକ୍ତବ୍ୟ ପ୍ରଦାନ କରେ ଏବଂ ଯାହାକୁ ସେ ମିଥ୍ୟା ବୋଲି ଜାଣିଥାଏ କିମ୍ବା ସତ୍ୟ ବୋଲି ବିଶ୍ୱାସ କରି ନଥାଏ, ତାଙ୍କୁ ଜୋରିମାନା ସହିତ ଦଣ୍ଡିତ କରାଯାଇଥାଏ।

### ୨.୪.୪: ଧାରା ୨୯୨

***ଅଶ୍ଳୀଳ ପୁସ୍ତକ ବିକ୍ରି କରିବା, ଇତ୍ୟାଦି***

ଉପଧାରା (୨) ଉଦ୍ଦେଶ୍ୟ ପାଇଁ, ଏକ ପୁସ୍ତକ, ପ୍ରଚାରପତ୍ର, କାଗଜ, ଲେଖା, ଅଙ୍କନ, ଚିତ୍ର, ଉପସ୍ଥାପନା, ଛବି କିମ୍ବା ଅନ୍ୟାନ୍ୟ ଜିନିଷ ଅଶ୍ଳୀଳ ବୋଲି ବିବେଚନା କରାଯାଏ, ଯଦି ଏହା କାମୋଦ୍ଦୀପକ ହୋଇଥାଏ କିମ୍ବା କାମୁକତାପୂର୍ଣ୍ଣ ଆଗ୍ରହ ସୃଷ୍ଟି କରିଥାଏ କିମ୍ବା ଏହାର ପ୍ରଭାବ କିମ୍ବା ସମସ୍ତ ପ୍ରକାରର ଉପାଦାନ ଭିତରୁ ଗୋଟିଏ କିମ୍ବା ଯଦି ସବୁକୁ ଏକାଠି ନିଆଯାଏ, ତେବେ ନଷ୍ଟ ଏବଂ ଭ୍ରଷ୍ଟ ବ୍ୟକ୍ତି ପାଇଁ କରା ଯାଇଥାଏ, ଯେଉଁମାନଙ୍କର ସମସ୍ତ ପ୍ରାସଙ୍ଗିକ ପରିସ୍ଥିତି ସହିତ ସମ୍ବନ୍ଧ ରହିଥାଏ, ଅଶ୍ଳୀଳ ଜିନିଷ ପଢ଼ିବା, ଦେଖିବା କିମ୍ବା ଶୁଣିବା ପାଇଁ ଜିନିଷ ବିକ୍ରି, କ୍ରୟ, ପ୍ରଚାର, ଭଡ଼ାରେ ଲାଗିଥାଏ, ତେବେ ତାଙ୍କୁ ପ୍ରଥମେ ଦଣ୍ଡ ସ୍ୱରୂପ କାରାଦଣ୍ଡ ଦିଆ ଯାଇଥାଏ, ଯାହା ଦୁଇ ବର୍ଷର ଅବଧି ବୋଲି ବର୍ଣ୍ଣନା କରା ଯାଇଛି ଏବଂ ଏଥିରେ ଦୁଇ ହଜାର ଟଙ୍କା ଜୋରିମାନା ଯାହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ପାଞ୍ଚ ହଜାର ଟଙ୍କା ଜୋରିମାନା ଲାଗୁ କରାଯିବା ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇପାରେ।

### ୨.୪.୫: ଧାରା ୨୯୪(କ)

***ଲଟେରୀ କାର୍ଯ୍ୟାଳୟ ପରିଚାଳନା କରିବା***

ଯିଏ କୌଣସି ଲଟେରୀ ଉଠାଣ ଉଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟାଳୟ, ସ୍ଥାନ ରଖିଥାନ୍ତି, ଯାହା ଏକ ରାଜ୍ୟ ଲଟେରୀ ହୋଇନଥାଏ, କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଲଟେରୀ ହୋଇନଥାଏ, ସେ

କାରାଦଣ୍ଡରେ ଦଣ୍ଡିତ ହୋଇ ପାରନ୍ତି, ଯାହା ୬ମାସ ଅବଧିର ହୋଇପାରେ, କିମ୍ବା ଜୋରିମାନା ହୋଇପାରେ କିମ୍ବା ଉଭୟ ଲାଗୁ କରାଯାଇପାରେ। ଏବଂ ଯିଏ କିଛି ଅର୍ଥ ଦେବା ପାଇଁ, କୌଣସି ଜିନିଷ ପହଞ୍ଚିବା ପାଇଁ କିମ୍ବା କୌଣସି ବ୍ୟକ୍ତିଙ୍କ ଲାଭ ପାଇଁ କିଛି ବି କରିବାକୁ କୌଣସି ଆକସ୍ମିକ ଲାଭ (କଣ୍ଟିଜେନ୍ସି) କିମ୍ବା କୌଣସି ଟିକେଟ୍, ଲଟ୍, ନମ୍ବର କିମ୍ବା ଚିତ୍ର, ଯାହା କୌଣସି ଲଟେରୀରେ ଲାଗୁ ହୋଇଥାଏ, ସେ ଜୋରିମାନାରେ ଦଣ୍ଡିତ ହୋଇ ପାରନ୍ତି, ଯାହା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରେ।

**୨.୪.୬: ଧାରା ୨୯୫ କ**

କୌଣସି ଧର୍ମ କିମ୍ବା ଧାର୍ମିକ ବିଶ୍ୱାସକୁ ଉଦ୍ଦେଶ୍ୟମୂଳକ ଭାବେ ଉଲ୍ଲଙ୍ଘନ କରି ଧାର୍ମିକ ଭାବନାକୁ ଜାଣିଶୁଣି ଏବଂ ବିଦ୍ୱେଷପୂର୍ଣ୍ଣ ଭାବେ ଆଘାତ କରିବା

ଯିଏ ଜାଣିଶୁଣି ଏବଂ ବିଦ୍ୱେଷପୂର୍ଣ୍ଣ ଉଦ୍ଦେଶ୍ୟ ନେଇ ଭାରତୀୟ ନାଗରିକମାନଙ୍କର କୌଣସି ଶ୍ରେଣୀର ଆଞ୍ଚଳିକ ଭାବନାକୁ କଥିତ ବା ଲିଖିତ ଶବ୍ଦ କିମ୍ବା ଚିହ୍ନ ଦ୍ୱାରା କିମ୍ବା ଦୃଶ୍ୟମାନ ଉପସ୍ଥାପନା କିମ୍ବା ଅନ୍ୟାନ୍ୟ ଜିନିଷ ମାଧ୍ୟମରେ ସେହି ଶ୍ରେଣୀର ଧର୍ମୀୟ ଭାବନାକୁ ଅପମାନିତ କିମ୍ବା ଆଘାତ କରିବାକୁ ଚେଷ୍ଟା କରିଥାଏ, ତାକୁ ତିନି ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ କରାଯାଏ କିମ୍ବା ଜୋରିମାନା ଲାଗୁ କରାଯାଏ କିମ୍ବା ଉଭୟ ଲାଗୁ କରାଯାଏ।

**୨.୪.୭: ଧାରା ୪୯୯: ମାନହାନି**

ଯେ କୌଣସି ବ୍ୟକ୍ତି କଥିତ ଶବ୍ଦ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ପଠନ କରିବା ପାଇଁ, କିମ୍ବା ଚିହ୍ନ ଦ୍ୱାରା କିମ୍ବା ଦୃଶ୍ୟାତ୍ମକ ଉପସ୍ଥାପନ ଦ୍ୱାରା କୌଣସି ବ୍ୟକ୍ତିଙ୍କର କ୍ଷତି କରିବା ଉଦ୍ଦେଶ୍ୟ ନେଇ ଆରୋପ କରିବା ଉଦ୍ଦେଶ୍ୟରେ କିଛି ମୁଦ୍ରଣ କରିବା, କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ସେହିଭଳି ଆରୋପ ବ୍ୟକ୍ତିର କ୍ଷତି ପହଞ୍ଚାଇବାର କାରଣ ହେବାର ବିଶ୍ୱାସ ନେଇ, ଯାହା ଏହା ପରେ ଆଶାନୁରୂପ ଭାବରେ ଉକ୍ତ ବ୍ୟକ୍ତିଙ୍କ ସମ୍ମାନରେ ଆଞ୍ଚ ଆଣିଥାଏ, ତାହାକୁ କୌଣସି ବ୍ୟକ୍ତିଙ୍କର ମାନହାନି କୁହାଯାଏ।

**୨.୪.୮: ଧାରା ୫୦୦: ମାନହାନି ନିମନ୍ତେ ଦଣ୍ଡ**

ଯିଏ ଅନ୍ୟକୁ ବଦନାମ କରିଥାନ୍ତି ସେହି ବ୍ୟକ୍ତିଙ୍କୁ ସାଧାରଣ ଭାବେ ଦୁଇ ବର୍ଷ ଅବଧିର ଜେଲ୍ ଦଣ୍ଡ, କିମ୍ବା ଜୋରିମାନା କିମ୍ବା ଉଭୟ ଜେଲ୍ ଦଣ୍ଡ ଏବଂ ଜୋରିମାନାରେ ଦଣ୍ଡିତ କରାଯାଇଥାଏ।

**୨.୪.୯: ଧାରା ୫୦୧**

**ମାନହାନି କରୁଥିବା ମୁଦ୍ରଣ ଏବଂ ଖୋଦିତ ସାମଗ୍ରୀ**

ଯିଏ କୌଣସି ସାମଗ୍ରୀ ମୁଦ୍ରଣ ଏବଂ ଖୋଦେଇ କରନ୍ତି, ସେହିଭଳି ସାମଗ୍ରୀ କୌଣସି ବ୍ୟକ୍ତିଙ୍କର ମାନହାନିର ପାଇଁ ଗୋଟିଏ କାରଣ ହୋଇପାରେ, ତେବେ ତାଙ୍କୁ ଦୁଇ ବର୍ଷର ଜେଲ୍‌ଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଜେଲ୍‌ଦଣ୍ଡ ଏବଂ ଜୋରିମାନାରେ ଦଣ୍ଡିତ କରାଯାଇଥାଏ।

**୨.୪.୧୦: ଧାରା ୫୦୨:**

ମାନହାନିମୂଳକ ତଥ୍ୟ ଧାରଣ କରୁଥିବା ମୁଦ୍ରିତ/ଖୋଦିତ ପଦାର୍ଥକୁ ଯିଏ ବିକ୍ରି କରିଥାନ୍ତି କିମ୍ବା ବିକ୍ରି କରିବାର ପ୍ରସ୍ତାବ ଦେଇଥାନ୍ତି, ତାଙ୍କୁ ସାଧାରଣ ଭାବେ ଦୁଇ ବର୍ଷର ଜେଲ୍‌ଦଣ୍ଡରେ କିମ୍ବା ଜୋରିମାନା କିମ୍ବା ଉଭୟ ଜେଲ୍‌ଦଣ୍ଡ ଏବଂ ଜୋରିମାନାରେ ଦଣ୍ଡିତ କରାଯାଇଥାଏ।

**୨.୪.୧୧: ଧାରା ୫୦୫**

ଜନସାଧାରଣଙ୍କ ଅନିଷ୍ଟ ଉଦ୍ଦେଶ୍ୟରେ ବକ୍ତବ୍ୟ କୌଣସି ବ୍ୟକ୍ତି, ଯିଏ କିଛି ବିବୃତ୍ତି, କିଛି ଗୁଜବ କିମ୍ବା ରିପୋର୍ଟ ତିଆରି କରନ୍ତି, ପ୍ରକାଶ କରନ୍ତି କିମ୍ବା ପ୍ରଚାର କରିଥାନ୍ତି।

(କ) କୌଣସି ଅଧିକାରୀ ସୈନିକ, ନାବିକ କିମ୍ବା ଭାରତୀୟ ବାୟୁସେନାର, ନୌସେନା କିମ୍ବା, ସ୍ଥଳସେନାର ଅଧିକାରୀମାନେ ବିଦ୍ରୋହ କରିବା କିମ୍ବା ସେହିଭଳି ସେମାନଙ୍କର କର୍ତ୍ତବ୍ୟ କରିବାରେ ହେଳା କରିବା କାରଣକୁ ନେଇ ଉଦ୍ଦେଶ୍ୟମୂଳକ ପ୍ରକାଶନ।

(ଖ) କାରଣ ହେବାର ଉଦ୍ଦେଶ୍ୟ ସହିତ କିମ୍ବା ଯାହା କାରଣ ହେବାର ସମ୍ଭାବନା ରହିଛି, କିମ୍ବା ସର୍ବସାଧଣଙ୍କୁ ନିମନ୍ତେ ଭୟ କିମ୍ବା ସତର୍କ ଘଣ୍ଟି କିମ୍ବା ଜନସାଧାରଣଙ୍କ ଯେ କୌଣସି ବିଭାଗ ଯେଉଁଠାରେ କୌଣସି ବ୍ୟକ୍ତି ରାଷ୍ଟ୍ର କିମ୍ବା ସାଧାରଣରେ ଶାନ୍ତି ବିରୁଦ୍ଧରେ ଅପରାଧ କରିବାକୁ ପ୍ରେରିତ କରିଥାନ୍ତି। କିମ୍ବା

(ଗ) ଉତ୍ତେଜିତ କରିବା ଉଦ୍ଦେଶ୍ୟରେ, କିମ୍ବା ଯାହା ଉତ୍ତେଜିତ ହେବାର ସମ୍ଭାବନା ରହିଛି, ଯେ କୌଣସି ଶ୍ରେଣୀ କିମ୍ବା ସମୁଦାୟର ବ୍ୟକ୍ତିମାନଙ୍କୁ ଯଦି ଉତ୍ତେଜିତ କରିବାର ସମ୍ଭାବନା ଅଛି, ସେଭଳି ବିବୃତ୍ତି ପ୍ରଦାନ କଲେ ତିନି ବର୍ଷର ଜେଲ୍‌ଦଣ୍ଡ, କିମ୍ବା ଜରିମାନା କିମ୍ବା ଉଭୟ ଜେଲ୍‌ଦଣ୍ଡ କିମ୍ବା ଜୋରିମାନା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ।




**୨.୫: ଫୌଜଦାରୀ ପ୍ରକ୍ରିୟା ସଂହିତା,୧୯୭୩**

ଫୌଜଦାରୀ ପ୍ରକ୍ରିୟା ସଂହିତା ୧୯୭୩ର ନିମ୍ନଲିଖିତ ପ୍ରାବଧାନଗୁଡ଼ିକ ଗଣମାଧ୍ୟମ ପାଇଁ ପ୍ରାସଙ୍ଗିକ ହୋଇଥାଏ।

**୨.୫.୧: ଧାରା ୯୧: କାଗଜପତ୍ର ବା ଅନ୍ୟାନ୍ୟ ଜିନିଷ ଦାଖଲ କରିବା ପାଇଁ ସମନ**

ଯେତେବେଳେ କୌଣସି କୋର୍ଟ କିମ୍ବା ଯେ କୌଣସି ପୁଲିସ୍ ଥାନାର ଦାୟିତ୍ୱରେ ଥିବା ଅଫିସର ବିଚାର କରିଥାନ୍ତି ଯେ ତଥ୍ୟ କିମ୍ବା କାଗଜପତ୍ର ଦାଖଲ ହେବା ଆବଶ୍ୟକ କିମ୍ବା ଅନ୍ୟ ଜିନିଷର ଆବଶ୍ୟକତା ରହିଛି କିମ୍ବା କୌଣସି ତଦନ୍ତ ପାଇଁ ଏହା ବାଞ୍ଛନୀୟ ଅଟେ, ଯାଞ୍ଚ ପରେ, ଚିହ୍ନଟ ପରେ ଏହି ସଂହିତାର ଅନ୍ୟ କାର୍ଯ୍ୟାନୁଷ୍ଠାନ ପରେ କୋର୍ଟ ଲିଖିତ ଆକାରରେ ଏକ ସମନ ଜାରି କରିଥାନ୍ତି, ସେହି ବ୍ୟକ୍ତିଙ୍କୁ ଯେଉଁ ବ୍ୟକ୍ତିଙ୍କୁ ତଥ୍ୟ ବା ଜିନିଷର ଅଧିକାରୀ ବୋଲି ବିଶ୍ୱାସ କରାଯାଏ। ସମନ ବା ଆଦେଶରେ କୁହାଯାଇଥିବା ସମୟ ଏବଂ ସ୍ଥାନରେ ତାଙ୍କୁ ଉପସ୍ଥିତ ରହିବାକୁ ତଥା ସମନରେ ଉଲ୍ଲିଖିତ କାଗଜପତ୍ର ବା ଜିନିଷ ଦାଖଲ କରିବା ପାଇଁ କୁହାଯାଇଥାଏ।

## ୨.୫.୨: ଧାରା: ୯୩

***ସର୍ଚ୍ଚ ୱାରେଣ୍ଟ ଅଧିପତ୍ର କେତେବେଳେ ଜାରି କରାଯାଇପାରିବ***

୧.(କ) ଯେତେବେଳେ କୋର୍ଟ ପାଖରେ ବିଶ୍ୱାସ କରିବାର ଏହି କାରଣ ଥାଏ ଯେ ସମନ ବା ଆବଶ୍ୟକତା ଅନୁସାରେ ସେହି ବ୍ୟକ୍ତି ଯିଏ ସମନ କିମ୍ୱା ଆଦେଶ ଧାରା ୯୧ ଅଧୀନରେ କାଗଜପତ୍ର ବା ଜିନିଷ ଦାଖଲ କରି ନାହାନ୍ତି ବା

(ଖ) ଯେଉଁଠାରେ ଏହିଭଳି କାଗଜପତ୍ର ବା ଜିନିଷ ସମ୍ପର୍କରେ କୌଣସି ବ୍ୟକ୍ତିଙ୍କର ସ୍ଥିତି ସମ୍ପର୍କରେ କୋର୍ଟଙ୍କୁ ଜଣା ନାହିଁ

(ଗ) ଯେଉଁଠାରେ କୋର୍ଟ ବିଚାର କରନ୍ତି ଯେ ଏହି ବିଷୟ ଅନ୍ତର୍ଗତ ଯେ କୌଣସି ଅନୁସନ୍ଧାନ, ଜେରା ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟର ସାଧାରଣ ସନ୍ଧାନ ବା ତଦାରଖ ଦ୍ୱାରା ପ୍ରଦାନ କରାଯିବ। କୋର୍ଟ ଏକ ସର୍ଚ୍ଚ ୱାରେଣ୍ଟ ଦେଇପାରନ୍ତି ଏବଂ ଯେଉଁ ବ୍ୟକ୍ତିଙ୍କୁ ସର୍ଚ୍ଚ ୱାରେଣ୍ଟ ମାଧମରେ ନିର୍ଦ୍ଦେଶ ଦିଆଯାଇଥାଏ ସେ ଏହି ବ୍ୟବସ୍ଥା ଅନୁସାରେ ନିର୍ଦ୍ଦେଶିତ ସିଧାସଳଖ ଭାବେ ଅନ୍ୱେଷଣ କରିପାରିବେ।

## ୨.୫.୩: ଧାରା ୯୫

***କେତେକ ନିର୍ଦ୍ଦିଷ୍ଟ ପ୍ରକାଶନକୁ ଜବତ କରାଯିବା ଘୋଷଣା କରିବାର ଶକ୍ତି ଏବଂ ସମାନ ଜିନିଷ ପାଇଁ ସର୍ଚ୍ଚ ୱାରେଣ୍ଟ ପ୍ରଚଳନ କରିବା-***



ଯେ କୌଣସି ଖବରକାଗଜ, କିମ୍ୱା ବହି କିମ୍ୱା ଅନ୍ୟ ଲିଖିତ ପ୍ରମାଣ, ଯେଉଁଠାରେ ବି ଛପା ହୋଇଥାଉ ନା କାହିଁକି, ସେଥିରେ ଯଦି ଛପା ହୋଇଥିବା କୌଣସି ବିଷୟବସ୍ତୁ ଧାରା ୧୨୪ (କ)କିମ୍ୱା ଧାରା ୧୫୩(କ) କିମ୍ୱା ଧାରା ୨୯୨ କିମ୍ୱା ଧାରା ୨୯୩ କିମ୍ୱା ଧାରା ୨୯୫(କ) ଭାରତୀୟ ଦଣ୍ଡ ସଂହିତା ଅନୁସାରେ ଦଣ୍ଡଯୋଗ୍ୟ ହୋଇଥାଏ ଏବଂ ତାହା ରାଜ୍ୟ ସରକାରଙ୍କ ନଜରକୁ ଆସେ, ତା'ହେଲେ ରାଜ୍ୟ ସରକାର ଏଥିପାଇଁ ବିଜ୍ଞପ୍ତି ଜାରି କରି, ନିଜର ମତର ପୃଷ୍ଠଭୂମିକୁ ଉଲ୍ଲେଖ କରି ସେହି ସମ୍ବାଦପତ୍ର ବା ପୁସ୍ତକ ବା ନଥିପତ୍ରର ପ୍ରତ୍ୟେକଟି କପିକୁ ଜବତ ଘୋଷଣା କରିପାରନ୍ତି ତଥା ତାହାକୁ ସରକାରଙ୍କ ନିକଟରେ ଦାଖଲ କରିବାକୁ କୁହନ୍ତି ଏବଂ ତା'ପରେ ଭାରତର ଯେ କୌଣସି ସ୍ଥାନରେ ସେହି ଜିନିଷ ଯଦି କୌଣସି ସ୍ଥାନରେ ଉପଲବ୍ଧ ହେଉଥାଏ, ତାହାକୁ ଯେ କୌଣସି ପୁଲିସ ଅଫିସର ଜବତ କରି ପାରନ୍ତି ଏବଂ ଯେ କୌଣସି ମାଜିଷ୍ଟ୍ରେଟ୍ ସବ୍ ଇନ୍ସ୍ପେକ୍ଟରର ପଦବୀରୁ ନିମ୍ନ ସ୍ତରର ହୋଇ ନଥିବା ଯେ କୌଣସି ପୁଲିସ ଅଫିସରଙ୍କୁ ଯେଉଁଠାରେ ସେହିଭଳି କାଗଜପତ୍ର ବା ବହି ଯୁକ୍ତିଯୁକ୍ତ ଭାବରେ ରହିଥିବା ସନ୍ଦେହ କରାଯାଏ, ସେହି ସ୍ଥାନରେ ବା ପରିସରରେ ପ୍ରବେଶ କରି ଖୋଜି ଜବତ କରିବାକୁ ଅଧିକାର ପ୍ରଦାନ କରି ପାରନ୍ତି।

## ୨.୫.୪: ଧାରା ୩୪୯

***ବ୍ୟକ୍ତିବିଶେଷ ଉତ୍ତର ଦେବାକୁ ମନା କଲେ କିମ୍ୱା କାଗଜପତ୍ର ଦାଖଲ କରିବା ପାଇଁ ମନା କଲେ ଜେଲଦଣ୍ଡ ବା ଅପରାଧୀ ସାବ୍ୟସ୍ତ କରିବା***

ଯଦି କୌଣସି ସାକ୍ଷୀ କିମ୍ୱା ବ୍ୟକ୍ତିଙ୍କୁ ଫୌଜଦାରୀ ନ୍ୟାୟାଳୟରେ କୌଣସି ଦଲିଲ/ତଥ୍ୟ/ କାଗଜପତ୍ର ଦାଖଲ ପାଇଁ ଡକା ଯାଇଥାଏ ଏବଂ ତାଙ୍କୁ ପଚରା ଯାଇଥିବା କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ ମନା କରିଥାନ୍ତି

କିମ୍ବା କୌଣସି ତଥ୍ୟ ଯାହା କୋର୍ଟରେ ଦାଖଲ ହେବା ନିମନ୍ତେ କୋର୍ଟ ଆବଶ୍ୟକ କରିଥାନ୍ତି, ଏବଂ ତାହା କରିବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରାଯିବା ପରେ ସେ ସେହିଭଳି କରିନଥାନ୍ତି, ମନା କରିବା ପାଇଁ ସେପରି କୌଣସି ଯୁକ୍ତିଯୁକ୍ତ କାରଣ ଦର୍ଶାଇ ନଥାନ୍ତି, ସେଭଳି କ୍ଷେତ୍ରରେ କୋର୍ଟ ଏହି କାରଣ ପାଇଁ ଏକ ରେକର୍ଡ ଲେଖି ରଖିଥାନ୍ତି, ତାଙ୍କୁ ସାଧାରଣ କାରାଦଣ୍ଡରେ ଦଣ୍ଡିତ କରିଥାନ୍ତି, କିମ୍ବା ପ୍ରିଜାଇଡିଂ ମାଜିଷ୍ଟ୍ରେଟ୍ କିମ୍ବା ନ୍ୟାୟାଧୀଶଙ୍କ ସ୍ୱାକ୍ଷରରେ ଏକ ସମନ ଜାରିକରି ତାଙ୍କୁ ଜଣେ ଅଧିକାରୀଙ୍କ ଦାୟିତ୍ୱକୁ ପଠାଇ ଦେଇଥାନ୍ତି ଯାହାର ସମୟ ସୀମା ସାତ ଦିନରୁ ଅଧିକ ହେବ ନାହିଁ, ଯେ ପର୍ଯ୍ୟନ୍ତ ଏହି ଅବଧି ମଝିରେ, ସେହି ବ୍ୟକ୍ତିଙ୍କୁ ପରୀକ୍ଷା କରାଯିବା ଏବଂ ପ୍ରଶ୍ନ ପଚାରଯିବା ପାଇଁ ସେ ମନା କରୁଥିବାର କାରଣ ଦର୍ଶାଇ ତାଙ୍କୁ ତଥ୍ୟ/କାଗଜପତ୍ର ଦାଖଲ କରିବା ପାଇଁ ସହମତି ପ୍ରଦାନ ନକରିଛନ୍ତି ଏବଂ ଯଦି ସେ ତାଙ୍କର ନାସ୍ତିବାଚକ ଶବ୍ଦରେ ଅଡ଼ି ବସନ୍ତି, ତା'ହେଲେ ଧାରା ୩୪୫ କିମ୍ବା ଧାରା ୩୪୬ର ପ୍ରାବଧାନ ଅନୁସାରେ ତାଙ୍କ ସହିତ ବ୍ୟବହାର କରାଯାଇପାରେ।

**୨.୫.୫: ଧାରା ୩୫୦**

***ସମନ ପାଇ ଅନୁପସ୍ଥିତ ରହିଥିବା ସାକ୍ଷୀମାନଙ୍କ ପ୍ରତି ଦଣ୍ଡ ବିଧାନର ପ୍ରକ୍ରିୟା***

(୧) ଯଦି ଏକ ଫୌଜଦାରୀ (ଅପରାଧିକ) କୋର୍ଟରେ ଉପସ୍ଥିତ ହେବା ପାଇଁ କୌଣସି ସାକ୍ଷୀଙ୍କୁ ସମନ ଜାରି କରାଯାଇଥାଏ, ଆଇନତଃ ସେ ସେହି ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ସମୟରେ ସେଠାରେ ଉପସ୍ଥିତ ରହିବାକୁ ବାଧ, ଏହି ସମନକୁ ଅମାନ୍ୟ କଲେ କିମ୍ବା ବେଖାତିର କଲେ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ସମୟରେ ଉପସ୍ଥିତ ରହିବାକୁ ମନା କଲେ, କିମ୍ବା ଯେଉଁଠାରେ ତାଙ୍କୁ ସେହି ସ୍ଥାନ ଛାଡ଼ିବା ଆଇନ୍‌ଗତ ସେହି ସମୟ ପୂର୍ବରୁ ଉପସ୍ଥିତ ହେବାକୁ ପଡ଼ିବ, ଯେଉଁ କୋର୍ଟରେ ସାକ୍ଷୀ ଉପସ୍ଥିତ ହୋଇ ସାକ୍ଷ୍ୟ ଦେବାର ଥାଏ, ତାହା ଯଦି ନ୍ୟାୟର ସ୍ୱାର୍ଥ ପାଇଁ ଉପଯୋଗୀ ହୋଇଥାଏ, ତେବେ ସେହିଭଳି ସାକ୍ଷ୍ୟ ପ୍ରମାଣ ସଂକ୍ଷେପରେ କରାଯିବା ଉଚିତ୍, କୋର୍ଟ ଅପରାଧର ସଂଜ୍ଞାନ ନେଇ ପାରନ୍ତି ଏବଂ ଅପରାଧିମାନଙ୍କୁ ସୁଯୋଗ ଦେବାପରେ ସେମାନେ କାହିଁକି ଏହି ଧାରା ଅଧୀନରେ ଦଣ୍ଡିତ ହେବା ଉଚିତ୍ ନୁହେଁ, ତା'ର କାରଣ ମାଗିଥାନ୍ତି, ତାଙ୍କ ଉପରେ ଜୋରିମାନା ଧାର୍ଯ୍ୟ କରି ଥାଆନ୍ତି, ଯାହା ୧୦୦ ଟଙ୍କାରୁ ଅଧିକ ହୋଇ ନଥାଏ।

(୨) ଏହିଭଳି ପ୍ରତ୍ୟେକଟି ମାମଲାରେ, କୋର୍ଟ ଅନୁସରଣ କରିଥାନ୍ତି, ଯାହା ପ୍ରାୟତଃ ବ୍ୟବହାରିକ ହୋଇପାରେ, ନିର୍ଦ୍ଧାରିତ ପ୍ରକ୍ରିୟାର ସମ୍ପର୍କରେ ସଂକ୍ଷିପ୍ତରେ ବିଚାରଣ କରିଥାନ୍ତି।

**୨.୫.୧ କପିରାଇଟ୍ ଏବଂ ଅନ୍‌ଲାଇନ୍ ବିଷୟବସ୍ତୁ (କଣ୍ଟେଟ୍)**

ସୋସିଆଲ ମିଡିଆ ବ୍ୟବହାର କରିବା ସମୟରେ ବ୍ୟବହାରକାରୀମାନେ ବିଭିନ୍ନ ପ୍ରକାରର ବିଷୟବସ୍ତୁ (କଣ୍ଟେଟ୍) ସୃଷ୍ଟି କରିଥାନ୍ତି, ତାହା ଏକ ସାହିତ୍ୟିକ କୃତି (ପାଠ୍ୟ) ହେଉ ଅଥବା କଳାତ୍ମକ କାର୍ଯ୍ୟ/କୃତି (ଛବି) କିମ୍ବା ସିନେମାଟୋଗ୍ରାଫିକ୍ ବିଷୟବସ୍ତୁ (ଭିଡିଓ)। ଅଧିକାଂଶ କ୍ଷେତ୍ରରେ ସୋସିଆଲ ମିଡିଆର ପୋଷ୍ଟ୍‌ଗୁଡ଼ିକର ପରିଣତିରେ ବିଭିନ୍ନ ବ୍ୟବହାରକାରୀ ମାନଙ୍କର ମତାମତ, ବିରୋଧାତ୍ମକ ମତାମତ ଏବଂ ଅନେକଗୁଡ଼ିଏ ମନ୍ତବ୍ୟ ମିଳିଥାଏ। ତେବେ, ସେଭଳି ପୋଷ୍ଟ୍ ବା ଫିଡ୍ (ଯୋଗାଣ) ସମସ୍ତଙ୍କ ପାଇଁ କୌଣସି ପ୍ରକାରେ କପି/ନକଲ କରିବା ନିମନ୍ତେ ମୁକ୍ତ ନଥାଏ ଯେହେତୁ ସେଭଳି ବିଷୟବସ୍ତୁଗୁଡ଼ିକ ମୌଳିକ ବୋଲି ଧରି ନିଆଯାଇଥାଏ ଏବଂ କପିରାଇଟ୍ ଆଇନ ଅନୁସାରେ ସୁରକ୍ଷିତ ରହିଥାଏ। ତେବେ, ଯଦି ବ୍ୟବହାରକାରୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ଚୁକ୍ତିନାମାରେ ସମ୍ମତି ପ୍ରଦାନ କରିଥାନ୍ତି ଯେ ପ୍ଲାଟ୍‌ଫର୍ମରେ

ଉପସ୍ଥାପିତ କରାଯାଇଥିବା ବିଷୟବସ୍ତୁର ମାଲିକାନା ପ୍ଲାଟ୍‌ଫର୍ମ୍‌ଙ୍କର ହେବ, ଏବଂ ତା'ପରେ ବିଷୟବସ୍ତୁର ମାଲିକ ବିରୋଧ କରିପାରିବେ ନାହିଁ, ଏମିତିକି ଯଦି ସେହି ବିଷୟବସ୍ତୁ ପ୍ଲାଟ୍‌ଫର୍ମ୍ ଦ୍ୱାରା ବ୍ୟବହାର କରାଯାଉଥାଏ।

ଯେତେବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ୍ ବିଷୟବସ୍ତୁ ଟ୍ୱିଟର ବା ଫେସ୍‌ବୁକ୍ ଭଳି ନିରପେକ୍ଷ (ନ୍ୟୁଟ୍ରାଲ୍) ହୋଇଥାଏ, ବ୍ୟବହାରକାରୀ ପୋଷ୍ଟ୍ ଉପରେ ସମ୍ପୂର୍ଣ୍ଣ ଅଧିକାର ପାଇଥାନ୍ତି ଏବଂ ସେଥିପାଇଁ ଦାୟୀ ରହିଥାନ୍ତି। ଅନ୍ୟ ଜଣେ ବ୍ୟବହାରକାରୀଙ୍କ ତରଫରୁ ବିଷୟବସ୍ତୁର ଅନଧିକୃତ କପି/ନକଲ କରିବା ସୃଷ୍ଟିକର୍ତ୍ତାଙ୍କର କପିରାଇଟ୍ ଅଧିକାରକୁ ଉଲ୍ଲଙ୍ଘନ କରିଥାଏ ଏବଂ ଏଥିପାଇଁ କପିରାଇଟ୍ ଆଇନ,୧୯୫୭ ଅନୁସାରେ ଉଲ୍ଲଙ୍ଘନ କାର୍ଯ୍ୟକୁ ଆମନ୍ତ୍ରିତ କରିପାରେ। ମାଲିକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ୍‌କୁ ସେହି ବିଷୟବସ୍ତୁକୁ କପିରାଇଟ୍ ଉଲ୍ଲଙ୍ଘନ ମାମଲା ଭାବରେ ଗ୍ରହଣ କରିବାକୁ ଅନୁରୋଧ କରି ପାରନ୍ତି। ସବୁ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ୍‌ଙ୍କର କପିରାଇଟ୍ ଉଲ୍ଲଙ୍ଘନ ସମ୍ପର୍କରେ ଅଭିଯୋଗ କରିବା ସମ୍ପର୍କରେ ବିକଳ୍ପ ରହିଛି।

## ୨.୬: ସରକାରୀ ଗୋପନୀୟତା ଆଇନ-୧୯୨୩

କାର୍ଯ୍ୟାଳୟର ଗୁପ୍ତ ତଥ୍ୟ ସମ୍ବନ୍ଧୀୟ ଏବଂ ଅନେକ ଅପରାଧକୁ ସଂଜ୍ଞାକୃତ କରିବା ପାଇଁ ସରକାରୀ ଗୋପନୀୟତା ଆଇନ ୧୯୨୩ ଏକ ବ୍ୟାପକ କାଗଜପତ୍ର। ଏହି ଅଧିନିୟମ ରାଷ୍ଟ୍ରର ସୁରକ୍ଷା ସମ୍ପର୍କିତ କୌଣସି ଗୁପ୍ତ ତଥ୍ୟ ଯେପରି ପ୍ରଘଟ ନହୁଏ, ତାହାକୁ ବଜାୟ ରଖିବାର ଉଦ୍ଦେଶ୍ୟ ବହନ କରୁଥାଏ। ତେବେ, ଏହି ଆଇନ ଦ୍ୱାରା ନିଷେଧ କରାଯାଇଥିବା ଅନେକ ଆଇନ ସେମାନଙ୍କର କର୍ତ୍ତବ୍ୟ କରିବା ସମୟରେ ଖବରକାଗଜ ଏବଂ ସାମ୍ବାଦିକ, ଘରୋଇ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବ୍ୟବହୃତ ହୋଇପାରେ।

ଅଫିସିଆଲ ସିକ୍ରେଟ ଆକ୍ଟ,୧୯୨୩ର ମୁଖ୍ୟତଃ ଦୁଇଗୋଟି ଅଂଶ ରହିଛି।

ଗୋଟିଏ ଶତ୍ରୁମାନଙ୍କର ଗୁପ୍ତଚର ବୃତ୍ତି ସମ୍ବନ୍ଧୀୟ ହୋଇଥାଏ (ଧାରା ୩ ଏବଂ ୪)। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ସମ୍ପର୍କିତ ଗୁପ୍ତଚର ବୃତ୍ତିଜନିତ ଅପରାଧ ପାଇଁ ୧୪ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ହୋଇଥାଏ।

ଦ୍ୱିତୀୟଟି ଅନ୍ୟ କୌଣସି କାର୍ଯ୍ୟାଳୟର ଗୁପ୍ତ କୋଡ କିମ୍ବା ପାସୱାର୍ଡ, କିମ୍ବା କୌଣସି ଚିତ୍ର, ପ୍ଲାନ୍ ମଡେଲ୍, ଆର୍ଟିକଲ୍ (ନିବନ୍ଧ),ନୋଟ୍, ତଥ୍ୟ କିମ୍ବା ସୂଚନାର (ଧାରା ୫) ଅନଧିକୃତ ଯୋଗାଯୋଗ ସହିତ ସମ୍ବନ୍ଧିତ ହୋଇଥାଏ। ଦେଶର ପ୍ରତିରକ୍ଷା ଏବଂ ସୁରକ୍ଷା ସହିତ ସମ୍ପର୍କିତ କିଛି କ୍ଷେତ୍ର ସମ୍ବନ୍ଧୀୟ ବର୍ଗୀକୃତ ତଥ୍ୟକୁ ବୁଝି ହେଉଥିବା ଭଳି ତଥ୍ୟ ପ୍ରକାଶନ କରିବା ବିରୋଧୀ ନିୟମ।

କିନ୍ତୁ ସରକାରୀ ଗୋପନୀୟତା ଆଇନ ମଧ୍ୟ ଯାହା ଶତ୍ରୁମାନଙ୍କ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବ୍ୟବହାର ଉପଯୋଗୀ ହୋଇପାରେ, ସେଭଳି କୌଣସି ଯୋଗାଯୋଗ କରିବାକୁ ବାରଣ କରିଥାଏ।

ଅଫିସିଆଲ ସିକ୍ରେଟ ଆକ୍ଟର ଧାରା-୫ର ଭାରତରେ ବ୍ୟାପକ ଚାହିଦା ରହିଛି, ଯାହା ମୁକ୍ତ ସାମ୍ବାଦିକତାକୁ ବାଧା ଦେଇଥାଏ।

ବ୍ୟକ୍ତି କୌଣସି କାର୍ଯ୍ୟାଳୟର ଗୁପ୍ତ ତଥ୍ୟକୁ ନିଜେ ଗ୍ରହଣ କଲେ  କିମ୍ବା ଯୋଗାଯୋଗ କଲେ ପାଞ୍ଚ  ବର୍ଷ କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଦଣ୍ଡିତ ହେବେ ବୋଲି ଉଲ୍ଲେଖ ରହିଛି।

ଏହାର ଅର୍ଥ ହେଉଛି, କୌଣସି କାର୍ଯ୍ୟାଳୟର ତଥ୍ୟ, ଯାହା ଅଧିକାରୀମାନଙ୍କ ଦ୍ୱାରା ଗୁପ୍ତ ଭାବେ ରଖାଯାଇଥାଏ, ତାହା କେବଳ ଦଣ୍ଡର ପ୍ରତିବଦଳରେ ପ୍ରକାଶିତ ହୋଇ ପାରିବ।

## ୨.୭: ସୂଚନା ଅଧିକାର ଆଇନ୍, ୨୦୦୫

ସୂଚନା ଅଧିକାର ଆଇନ୍ (ଆରଟିଆଇ) ଭାରତୀୟ ପାର୍ଲାମେଣ୍ଟର ଏକ ଅଧିନିୟମ, ଯାହା ନାଗରିକମାନଙ୍କର ସୂଚନା ଅଧିକାରର ବ୍ୟବହାରିକ ଶାସନକୁ ସ୍ଥାପନ କରିବା ପାଇଁ ପ୍ରଦାନ କରାଯାଇଥିଲା ଏବଂ ଏହା ୨୦୦୨ ମସିହାରେ ପୂର୍ବତନ ମୁକ୍ତ ସୂଚନା ଅଧିନିୟମର ସ୍ଥାନ ନେଇଥିଲା। ଏହି ଅଧିନିୟମର ପ୍ରାବଧାନ ଅନୁସାରେ, ଯେ କୌଣସି ନାଗରିକ ସାଧାରଣ କର୍ତ୍ତୃପକ୍ଷ (ସରକାରଙ୍କର କୌଣସି ସଂସ୍ଥା କିମ୍ବା ରାଜ୍ୟର ସାଧନ)ଙ୍କୁ ସୂଚନା ପାଇଁ ଅନୁରୋଧ କରି ପାରିବେ, ଯାହା ଅତି ଶୀଘ୍ର କିମ୍ବା ୩୦ ଦିନ ଭିତରେ ଉତ୍ତର ଦେବା ଆବଶ୍ୟକ ହୋଇଥାଏ। ଏହି ଅଧିନିୟମ ମଧ୍ୟ ଆବଶ୍ୟକ କରିଥାଏ ଯେ ପ୍ରତ୍ୟେକ ସରକାରୀ ଅଧିକାରୀ ବ୍ୟାପକ ପ୍ରସାର ପାଇଁ ତଥ୍ୟକୁ କମ୍ପ୍ୟୁଟରୀକୃତ କରିବେ ଏବଂ ଏହା ସୂଚନାର ବିଭିନ୍ନ ବିଭାଗକୁ ବହୁତ ସକ୍ରିୟତାର ସହିତ ଧାରଣ କରିବ, ଯାହା ଫଳରେ ନାଗରିକମାନଙ୍କୁ ଆନୁଷ୍ଠାନିକ ଭାବେ ସୂଚନା ପାଇଁ ଅନୁରୋଧ କରିବା ବେଳେ ଅତି କମ୍ ପରିଶ୍ରମ କରିବାକୁ ପଡ଼ିବ। ୧୫ ଜୁନ୍ ୨୦୦୫ରେ ଏହି ନିୟମ ସଂସଦରେ ପାରିତ ହେଲା ଏବଂ ୧୨ ଅକ୍ଟୋବର ୨୦୦୫ରେ ଏହା କାର୍ଯକାରୀ ହେଲା। ପ୍ରଥମ ଆବେଦନ ପୁନେ ପୁଲିସ୍ ଷ୍ଟେସନ୍‌ରେ ହୋଇଥିଲା। ଭାରତରେ ସୂଚନା ପ୍ରଘଟ କରିବା ଅଫିସିଆଲ ସିକ୍ରେଟ୍ ଆକ୍ଟ,୧୯୨୩ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ନିୟମରେ ନିଷେଧ ହୋଇଛି, ଯାହାକୁ ସୂଚନା ଅଧିକାର ଆଇନରେ ହୁଗୁଳା କରି ଦିଆଯାଇଛି। ଏହା  ନାଗରିକମାନଙ୍କର ମୌଳିକ ଅଧିକାରକୁ ସାଙ୍କେତିକ କରିଦେଇଛି।

**ପ୍ରକ୍ରିୟା-**

ସୂଚନା ଅଧିକାର ଆଇନ ପ୍ରକ୍ରିୟାରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିକ୍ରିୟାଶୀଳ (ସକ୍ରିୟ ବିରୋଧୀ) ପ୍ରକାଶ ଅନ୍ତର୍ଭୁକ୍ତ। ଏକ ସୂଚନା ଅଧିକାର ଆଇନ ଆବେଦନରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ।

ସୂଚନା ଅଧିକାର ଆଇନରେ ଆସୁଥିବା ପ୍ରତ୍ୟେକ ଅଧିକାରୀ ନିଶ୍ଚିତ ରୂପେ ସେମାନଙ୍କର ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ  ନିଯୁକ୍ତି ଦେବେ। ଯେ କୌଣସି ବ୍ୟକ୍ତି ସୂଚନା ପାଇଁ ପିଆଇଓଙ୍କୁ ଏକ ଲିଖିତ ଆବେଦନ କରିବେ। ପିଆଇଓଙ୍କର କର୍ତ୍ତବ୍ୟ ହେଉଛି ଯେଉଁ ଭାରତୀୟ ନାଗରିକ ଏହି ଆଇନ ଅନୁସାରେ ସୂଚନା ପାଇଁ ଅନୁରୋଧ କରିଥିବେ, ସେମାନଙ୍କୁ ସୂଚନା ଦେବେ। ଯଦି ଏହି ଆବେଦନ ଅନ୍ୟ ଅଧିକାରୀଙ୍କ ସମ୍ବନ୍ଧିତ ହୋଇଥିବ (ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ) ପିଆଇଓଙ୍କ ଦାୟିତ୍ୱ ହେଉଛି ଆବେଦନର ସେହି ସମ୍ବନ୍ଧିତ ଭାଗକୁ ପାଞ୍ଚ ଦିନ ମଧ୍ୟରେ ସେହି ବିଭାଗର ପିଆଇଓଙ୍କୁ ପଠାଇ ଦେବେ। ଅତିରିକ୍ତ ଭାବେ, ପ୍ରତ୍ୟେକ ଅଧିକାରୀ (ଏପିଆଇଓ)ଙ୍କୁ ନାମିତ କରିଥିବେ ଯିଏକି ସୂଚନା ଅଧିକାର ଆଇନ୍ ଅନୁସାରେ ଆବେଦନକୁ ଗ୍ରହଣ କରିବେ ଏବଂ ଅଧିକାରୀଙ୍କ ନିକଟକୁ ଆବେଦନ ପାଇଁ ପଠାଇବେ। ଆବେଦନକାରୀ ନିଜର ନାମ ଏବଂ ଯୋଗାଯୋଗ ବିବରଣୀ ପ୍ରଦାନ କରିବେ, କିନ୍ତୁ ସୂଚନା ପାଇବା ପାଇଁ କୌଣସି ଅନ୍ୟ କାରଣ କିମ୍ବା ଯଥାର୍ଥତା ପ୍ରକାଶ କରିବେ ନାହିଁ।

କେନ୍ଦ୍ର ସୂଚନା କମିଶନ (ସିଆଇସି) ସେହି ବ୍ୟକ୍ତିମାନଙ୍କ ଅଭିଯୋଗ ଉପରେ କାର୍ଯ୍ୟ କରିଥାନ୍ତି, ଯେଉଁମାନେ କେନ୍ଦ୍ର ଜନ ସୂଚନା ଅଧିକାରୀ କିମ୍ବା ରାଜ୍ୟ ଜନ ସୂଚନା ଅଧିକାରୀଙ୍କ ନିକଟରେ, ଅଧିକାରୀ ନିଯୁକ୍ତ ହୋଇନଥିବା କାରଣରୁ କିମ୍ବା ସମ୍ବନ୍ଧିତ କେନ୍ଦ୍ର ସହକାରୀ ଜନ ସୂଚନା ଅଧିକାରୀ ସୂଚନା ପାଇଁ

ଆବେଦନ ଗ୍ରହଣ କରିବାକୁ ମନା କରିଦେବା କାରଣରୁ ସୂଚନା ପାଇବା ପାଇଁ ଆବେଦନ କରିବାରେ ସକ୍ଷମ ହୋଇ ନଥାନ୍ତି।

ଏହି ନିୟମ ଆବେଦନର ଉତ୍ତର ଦେବା ପାଇଁ କିଛ ସମୟ ସୀମା ନିର୍ଦ୍ଦିଷ୍ଟ କରିଛି:

- ଯଦି ପିଆଇଓଙ୍କୁ ଆବେଦନ କରାଯାଇଥାଏ, ଉତ୍ତର ଆବେଦନ ଗ୍ରହଣର **୩୦ ଦିନ** ଭିତରେ ଦିଆଯିବ।
- ଯଦି ଜଣେ ସହକାରୀ ଜନ ସୂଚନା ଅଧିକାରୀଙ୍କୁ ଆବେଦନ କରାଯାଇଥାଏ, ଉତ୍ତର ଆବେଦନ ଗ୍ରହଣର **୩୫ ଦିନ** ମଧ୍ୟରେ ଦିଆଯିବ।
- ଯଦି ଜନ ସୂଚନା ଅଧିକାରୀ ଅନ୍ୟ ଅଧିକାରୀଙ୍କୁ ଆବେଦନଟିକୁ ହସ୍ତାନ୍ତର କରିଥାନ୍ତି (ଆବଶ୍ୟକ ସୂଚନାର ଉତ୍ତମ ସମ୍ବନ୍ଧ ପାଇଁ) ତେବେ ତାଙ୍କୁ **୩୦ ଦିନ** ପାଇଁ ଅନୁମତି ଦିଆଯାଇଥାଏ, କିନ୍ତୁ ଏହା ହସ୍ତାନ୍ତର କରାଯାଇଥିବା ଅଧିକାରୀଙ୍କ ପିଆଇଓଙ୍କ ଦ୍ୱାରା  ଗ୍ରହଣ  କରାଯାଇଥିବା ଦିନଠାରୁ ହିସାବ ହୋଇଥାଏ।
- ଦୁର୍ନୀତି ଏବଂ ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କିତ ସୂଚନା ନିର୍ଦ୍ଧାରିତ ସୁରକ୍ଷା ଏଜେନ୍ସି (ଏହି ନିୟମର ଦ୍ୱିତୀୟ ସୂଚନାରେ ଯେଉଁମାନେ ତାଲିକାଭୁକ୍ତ) ଦ୍ୱାରା **୪୫ ଦିନ** ମଧ୍ୟରେ କରା ଯାଇଥାଏ। କିନ୍ତୁ, କେନ୍ଦ୍ର ସୂଚନା କମିଶନର ଆଗୁଆ ଅନୁମୋଦନ ସହିତ
- ତଥାପି, ଯଦି କୌଣସି ବ୍ୟକ୍ତିର ଜୀବନ କିମ୍ବା ସ୍ୱାଧୀନତା ଏଥିରେ ଅନ୍ତର୍ଭୁକ୍ତ  ହୋଇଥାଏ, ଜନ ସୂଚନା ଅଧିକାରୀ **୪୮ ଘଣ୍ଟା** ମଧ୍ୟରେ ଉତ୍ତର ଦେବା ଆଶା କରାଯାଏ।

ଯେହେତୁ ସୂଚନା ପାଇଁ ଦେୟ ଦେବାକୁ ପଡ଼ିବ, ପିଆଇଓଙ୍କର ଉତ୍ତର ଆବଶ୍ୟକ ଅନୁସାରେ ଆବେଦନକୁ ମନା କରିବା (ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ) କିମ୍ବା 'ଆଗାମୀ ଦେୟ'ର ହିସାବ ପ୍ରଦାନ କରିବା। ପିଆଇଓଙ୍କର ଉତ୍ତର ଦେବାର ସମୟ ଏବଂ ସୂଚନା ପାଇଁ ଆଗାମୀ ଦେୟ ଜମା କରିବା ସମୟ ମଧ୍ୟରେ ରହିଥିବା ସମୟ, ଯେଉଁ ସମୟ ପାଇଁ ଅନୁମତି ମିଳିଥାଏ ସେଥିରୁ ବାହାର କରି ଦିଆଯାଇଥାଏ। ଯଦି ଏହି ଅବଧି ମଧ୍ୟରେ ସୂଚନା ପ୍ରଦାନ କରାଯାଇ ନଥାଏ, ଏହାକୁ ମନା କରି ଦିଆଗଲା ବୋଲି ଧରି ନିଆଯାଏ। କାରଣ ଥାଉ ବା ନଥାଉ, ମନା କରିବା ଅପିଲ୍ କିମ୍ବା ଅଭିଯୋଗ ପାଇଁ ଆଧାର ହୋଇପାରେ । ଏହାପରେ, ସୂଚନା ଯଦି ଉଲ୍ଲିଖିତ ସମୟ ମଧ୍ୟରେ ପ୍ରଦାନ କରାଯାଏ ନାହିଁ, ତା'ହେଲେ ତାହା ମାଗଣାରେ ପ୍ରଦାନ କରାଯାଇଥାଏ। ଅପିଲ୍ କରିବାର ପ୍ରକ୍ରିୟା ମଧ୍ୟ ବ୍ୟାଖ୍ୟା କରାଯାଇଛି।

## ୨.୮: ପୁସ୍ତକ ପଞ୍ଜିକରଣ ଆଇନ ୧୮୬୭

ବହୁତ ପୁରୁଣା ପ୍ରଚଳିତ ନିୟମ ହେଉଛି ପ୍ରେସ ଏବଂ ରେଜିଷ୍ଟ୍ରେସନ ବୁକ୍ (ଆକ୍ଟ) ଆଇନ୍ ୧୮୬୭। ଖବରକାଗଜ ପ୍ରକାଶନ  ନିୟମ ଏବଂ ପ୍ରିଣ୍ଟିଙ୍ଗ୍ ପ୍ରେସ (ଛାପାଖାନା) ପାଇଁ  ନିୟାମକ ନିୟନ୍ତ୍ରିତ କରିବା ପାଇଁ ଏଥିରେ ମୌଳିକ କାନୁନ୍ ରହିଛି ।

ଯଦିଓ ଏହି ନିୟମ ଅଧୀନରେ ପ୍ରତ୍ୟେକ ପ୍ରିଣ୍ଟିଙ୍ଗ୍ ପ୍ରେସ (ଛାପାଖାନା) ଏବଂ ଏକ ଖବରକାଗଜ, ବହି କିମ୍ବା ଖବରକାଗଜ ପ୍ରକାଶନ ପାଇଁ କୌଣସି ଲାଇସେନସ୍ କିମ୍ବା ଅନୁମତି ଆବଶ୍ୟକ ହୁଏନାହିଁ। କିନ୍ତୁ ଏଥିରେ ଏକ ଘୋଷଣା  ନିର୍ଦ୍ଧାରିତ ପ୍ରକ୍ରିୟାରେ କରିବା ନିହାତି ଅନିବାର୍ଯ୍ୟ  ଅଟେ, ଯାହା ପୂର୍ବରୁ ଜିଲ୍ଲା ପ୍ରେସିଡେନ୍ସି

କିମ୍ବା ସବ୍ ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଏବଂ ଏମାନଙ୍କ ଦ୍ୱାରା ପ୍ରମାଣସିଦ୍ଧ ହେବା ଆବଶ୍ୟକ। ଖବରକାଗଜ ପ୍ରକାଶିତ ହେବା ପୂର୍ବରୁ ଏହି ପ୍ରକାରର କୌଣସି ବି ପ୍ରିଣ୍ଟିଙ୍ଗ ପ୍ରେସ୍, ଆନୁଷ୍ଠାନିକ ଘୋଷଣା ବିନା ସ୍ଥାପନା କରାଯାଇ ପାରିବ ନାହିଁ। ଏହି ଆଇନ୍ ପ୍ରକାଶକର ନାମ, ପ୍ରକାଶନର ସ୍ଥାନ ଏବଂ ପ୍ରକାଶନର ନାମ ଏବଂ ପ୍ରକାଶନର ସ୍ଥାନ ସ୍ପଷ୍ଟ ଭାବରେ ଭାରତରେ ପ୍ରକାଶିତ ପ୍ରତ୍ୟେକ ବହି  କିମ୍ବା ଖବର କାଗଜ ପ୍ରକାଶନ ଉପରେ ନିଶ୍ଚିତ ଭାବେ ରହିବା ଦରକାର ବୋଲି ଆବଶ୍ୟକ କରିଥାଏ।

ବହି କିମ୍ବା ଖବରକାଗଜ ଛାପିବା  ପାଇଁ ଏକ ପ୍ରେସ ଆବଶ୍ୟକ ହୋଇଥାଏ, ସେହି ସ୍ଥାନର ବିବରଣୀ ଜିଲ୍ଲା ପ୍ରେସିଡେନ୍ସି କିମ୍ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟଙ୍କୁ ଦେବାକୁ ପଡ଼ିଥାଏ। ପ୍ରତ୍ୟେକ ସମୟରେ ଏକ ପ୍ରେସ ନୂଆ ସ୍ଥାନକୁ ସ୍ଥାନାନ୍ତରିତ ହେଲେ ନୂଆ ଘୋଷଣାନାମା ଦେବାକୁ ପଡ଼ିଥାଏ।

ଖବରକାଗଜ ପ୍ରକାଶ କରିବା ପାଇଁ ଦୁଇଟି ସର୍ତ୍ତ ପୂରଣ ହେବା ଆବଶ୍ୟକ। ପ୍ରଥମତଃ- ସମ୍ପାଦକଙ୍କର ନାମ ଖବରକାଗଜର ପ୍ରତ୍ୟେକଟି ଖଣ୍ଡରେ ସ୍ପଷ୍ଟ ଭାବେ ଛପା ହୋଇଥିବା ନିହାତି ଦରକାର।

ଦ୍ୱିତୀୟତଃ-  ଜିଲ୍ଲା ପ୍ରେସିଡେନ୍ସି କିମ୍ବା ଡିଭିଜିନାଲ ମାଜିଷ୍ଟ୍ରେଟ୍ ଯାହାଙ୍କ ଅଧିକାର କ୍ଷେତ୍ରରେ ଖବରକାଗଜଟି ପ୍ରକାଶିତ ହେବ, ତାହାକୁ ନେଇ ଏକ ଘୋଷଣା ପୂର୍ବରୁ କରିବା ଜରୁରୀ ଅଟେ।  ସେଥିରେ ନିମ୍ନଲିଖିତ ତଥ୍ୟଗୁଡ଼ିକ ରହିବା ଆବଶ୍ୟକ (କ) ପ୍ରିଣ୍ଟର ଏବଂ ପ୍ରକାଶକଙ୍କ ନାମ (ଖ) ସେହି ପରିସର ଯେଉଁଠାରେ ମୁଦ୍ରଣ ଏବଂ ପ୍ରକାଶିତ ହେବ। (ଗ) ଖବରକାଗଜର ଶୀର୍ଷକ, ଭାଷା ଏବଂ ଅବଧି  ରହିବ। ଏହି ପ୍ରକାଶନ କେବଳ ମାଜିଷ୍ଟ୍ରେଟଙ୍କର ପ୍ରମାଣସିଦ୍ଧ ଘୋଷଣା ପରେ ଆରମ୍ଭ କରିହେବ।

ଯେ କୌଣସି ବ୍ୟକ୍ତି ଯିଏ ସାଧାରଣତଃ ଭାରତରେ ରହୁ ନଥିବେ କିମ୍ବା ଜଣେ ନାବାଳକ ହୋଇଥିବେ, ଖବରକାଗଜ ସମ୍ପାଦନା କରିବା ପାଇଁ ଘୋଷଣାପତ୍ର ଦାଖଲ କରିପାରିବେ।  ଯଦି ଘୋଷଣାପତ୍ରଟି କାନୁନ୍ ଅନୁସାରେ ତିଆରି ହୋଇଥାଏ ଏବଂ ଯଦି ଅନ୍ୟ କୌଣସି  ଖବରକାଗଜର ଶୀର୍ଷକ ସମାନ ରାଜ୍ୟରେ ସମାନ ନାହିଁ, ତେବେ  ସେତେବେଳେ ମାଜିଷ୍ଟ୍ରେଟ୍ ଏହି ଘୋଷଣାକୁ ପ୍ରାମାଣିକ କରିବା ପାଇଁ ମନା କରି ପାରିବେ ନାହିଁ, ତଥାପି ପ୍ରାମାଣିକ ପୂର୍ବରୁ ସେ ରେଜିଷ୍ଟ୍ରାର ଅଫ୍ ନିଉଜ୍‌ପେପର୍ (ଆର ଏନ୍ ଆଇ)ଙ୍କ ପାଖରୁ ଏଭଳି ଅନ୍ୟ ଖବରକାଗଜ ବାସ୍ତବିକ ରୂପେ ରହିଛି କି ନାହିଁ, ଅନୁସନ୍ଧାନ କରିବା ଦରକାର।

ପ୍ରମାଣିକରଣ ପରେ ଖବରକାଗଜଟି ନିର୍ଦ୍ଧାରିତ ସମୟରେ ଆରମ୍ଭ ହେବା ଦରକାର। ଖବରକାଗଜ ପ୍ରକାଶନ ବିଷୟରେ ଘୋଷଣା ଅନୁସାରେ ଯଦି ନିର୍ଦ୍ଧାରିତ ସମୟରେ ତାହା ପ୍ରକାଶିତ ହୋଇ ନଥାଏ, ତା'ହେଲେ ଏହାକୁ ଅବୈଧ କରାଯିବ। ପ୍ରତିଦିନ, ସପ୍ତାହିକ ବା ପାକ୍ଷିକ ଖବରକାଗଜ ଛଅ ସପ୍ତାହ ଭିତରେ ପ୍ରକାଶନ ଆରମ୍ଭ କରିବା ଦରକାର ଏବଂ ପାକ୍ଷିକ, ମାସିକ କିମ୍ବା ତ୍ରୈମାସିକ ପ୍ରମାଣିକରଣର ତିନି ମାସ ମଧ୍ୟରେ ପ୍ରକାଶନ ଆରମ୍ଭ ହେବା ଆବଶ୍ୟକ।

ଖବରକାଗଜ ଅନିୟମିତ ଭାବେ ପ୍ରକାଶିତ ହେଲେ, ମାଜିଷ୍ଟ୍ରେଟ୍ ଘୋଷଣାପତ୍ରକୁ ଖାରଜ କରି ପାରିବେ ଏବଂ ତାହାକୁ ବନ୍ଦ କରିବା ପାଇଁ ଆଦେଶ ମଧ୍ୟ ଦେଇ ପାରନ୍ତି। ତିନି ମାସର ଅବଧି ଭିତରେ ଯଦି କୌଣସି ଖବରକାଗଜ ଘୋଷଣା ଅନୁସାରେ ଯେତିକି ଖବରକାଗଜ ପ୍ରକାଶ କରିବା ଉଚିତ୍, ତାହାର ଅଧାରୁ କମ୍ ସଂଖ୍ୟକ ଖବରକାଗଜ ପ୍ରକାଶ କରନ୍ତି, ସେହି ଖବରକାଗଜର ପ୍ରକାଶନ ବନ୍ଦ କରି ଦିଆଯିବ। ଏହାକୁ ଆଉଥରେ ଆରମ୍ଭ କରିବା ପୂର୍ବରୁ ଏକ ଏକ ନୂଆ ଘୋଷଣାନାମା କରାଯିବା ଆବଶ୍ୟକ।

ପ୍ରତ୍ୟେକ ଖବରକାଗଜର ପ୍ରତ୍ୟେକ ପ୍ରକାଶନର ଦୁଇଟି କପି ଏବଂ ପ୍ରତ୍ୟେକ ବହିର ତିନିଟି କପି ଏକ ନିର୍ଦ୍ଧାରିତ ପଦ୍ଧତିରେ ସରକାରଙ୍କ ପାଖରେ ବିନା ମୂଲ୍ୟରେ ପହଞ୍ଚିବା ଦରକାର। ଘୋଷଣାପତ୍ରଟି ମାଜିଷ୍ଟ୍ରେଟ୍ ସେହି ସମ୍ବନ୍ଧିତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅର ସୁଯୋଗ ଦେଇ ସାରିବା ପରେ ଖାରଜ କରି ପାରନ୍ତି, ଯଦି ମାଜିଷ୍ଟ୍ରେଟ୍ ନିମ୍ନଲିଖିତ ବିଷୟକୁ ନେଇ ସନ୍ତୋଷ ପ୍ରକାଶ କରନ୍ତି।

(କ) ଖବରକାଗଜଟି ଏହି ଅଧିନିୟମ କିମ୍ବା ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ନିୟମକୁ ଉଲ୍ଲଙ୍ଘନ କରି ପ୍ରକାଶିତ କରାଯାଏ ।

(ଖ) ଯଦି ସେହି ସମାନ ରାଜ୍ୟରେ, ସମାନ ଶୀର୍ଷକରେ ଅନ୍ୟ କୌଣସି ଖବରକାଗଜ ପ୍ରକାଶିତ ହେଉଥାଏ, ସେହି ନାମରେ ଖବରକାଗଜ ପ୍ରକାଶ କରାଗଲେ

(ଗ) ପ୍ରିଣ୍ଟର କିମ୍ବା ପ୍ରକାଶନକୁ ବନ୍ଦ କରି ଦିଆ ଯାଇଥାଏ।

(ଘ) ଯଦି ସତ୍ୟତାକୁ ଲୁଚାଇ ଘୋଷଣାନାମାରେ ମିଥ୍ୟାପାଠ କରାଯାଇଥାଏ।

**ଦଣ୍ଡ-** ଯଦି ଏକ ଖବରକାଗଜ (କିମ୍ବା ଏକ ବହି) ପ୍ରିଣ୍ଟର ଏବଂ ପ୍ରକାଶକଙ୍କର ନାମ ଏବଂ ପ୍ରକାଶନ ସ୍ଥାନର ନାମ, ମୁଦ୍ରଣ (ପ୍ରିଣ୍ଟର)ନାମ ନଥାଇ ମୁଦ୍ରଣ ବା ପ୍ରକାଶିତ ହୋଇଥାଏ ପ୍ରକାଶକ ସେଥିପାଇଁ ୨୦୦୦( ଦୁଇ ହଜାର) ଟଙ୍କାର ଜୋରିମାନା କିମ୍ବା ୯ ମାସ ଯାଏଁ ଜେଲ୍ ଦଣ୍ଡ କିମ୍ବା ଉଭୟ ଦଣ୍ଡ ଦ୍ୱାରା ଦଣ୍ଡିତ ହୋଇଥାନ୍ତି।

**ରେଜିଷ୍ଟ୍ରାର ଅଫ ନିଉଜ୍ ପେପର-**

ଭାରତ ସରକାରଙ୍କ ଦ୍ୱାରା ପ୍ରେସ୍ ରେଜିଷ୍ଟ୍ରର ନିଯୁକ୍ତି ପାଇବାର ପ୍ରାବଧାନ ରହିଛି। ପ୍ରେସ୍ ରେଜିଷ୍ଟ୍ରାର ଏକ ପଞ୍ଜିକା ତିଆରି କରି ରଖିଥାନ୍ତି ଯେଉଁଥିରେ ପ୍ରତ୍ୟେକ ଖବରକାଗଜର ନିମ୍ନଲିଖିତ ବିବରଣୀ ରହିଥାଏ, ଯଥା; ଶୀର୍ଷକ, ଭାଷା, ଅବଧି, ସମ୍ପାଦକଙ୍କର ନାମ, ପ୍ରିଣ୍ଟର (ମୁଦ୍ରଣ) ଏବଂ ପ୍ରକାଶକ, ମୁଦ୍ରଣର ସ୍ଥାନ ଏବଂ ପ୍ରକାଶନ, ପ୍ରତ୍ୟେକ ସପ୍ତାହର ମୁଦ୍ରିତ ପୃଷ୍ଠାର ହାରାହାରି ସଂଖ୍ୟା, ବିକ୍ରୟ ଏବଂ ମାଗଣାରେ ବଣ୍ଟାଯାଇଥିବା ପ୍ରତ୍ୟେକ କପିର ଖୁଚୁରା ବିକ୍ରୟ ମୂଲ୍ୟ, ଏବଂ ମାଲିକମାନଙ୍କର ନାମ ଏବଂ ଠିକଣା।

## ୨.୯: ବୌଦ୍ଧିକ ସମ୍ପତ୍ତି ଅଧିକାର

ଏକ ବ୍ୟକ୍ତିର ବୁଦ୍ଧିରୁ ଉତ୍ପନ୍ନ ହୋଇଥିବା ସମ୍ପତ୍ତିର ପରିଭାଷା ହେଉଛି ବୌଦ୍ଧିକ ସମ୍ପତ୍ତି ଅଧିକାର (ଆଇପି)। ଜଣେ ବ୍ୟକ୍ତିଙ୍କର ଭୌତିକ ସମ୍ପତ୍ତି ଯେମିତି ସୁରକ୍ଷିତ ରହିବା ଦରକାର, ବୌଦ୍ଧିକ ଉତ୍ପାଦ ମଧ୍ୟ ସେହିପରି ଉଲ୍ଲଙ୍ଘନଠାରୁ ସୁରକ୍ଷା ଆବଶ୍ୟକ କରିଥାଏ। ଆଇନଗତ ଅଧିକାର କୌଣସି ବ୍ୟକ୍ତିଙ୍କ ବୌଦ୍ଧିକ ସମ୍ପତ୍ତିକୁ ରକ୍ଷା କରିବା ପାଇଁ ଯେଉଁ ଆଇନଗତ ଅଧିକାର ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରା ଯାଇଥାଏ ଯାହାକୁ ବୌଦ୍ଧିକ ସମ୍ପତ୍ତିର ଅଧିକାର କୁହାଯାଇଥାଏ। ସେହିଭଳି ଅଧିକାରଗୁଡ଼ିକ ସମ୍ପତ୍ତିର ସୃଷ୍ଟିକର୍ତ୍ତାମାନଙ୍କୁ ବୌଦ୍ଧିକ ନୀତି ଆଧାରରେ ସୁରକ୍ଷା ପ୍ରଦାନ କରିଥାଏ ଏବଂ ଏଥିରେ ବ୍ୟବସାୟ ପାଇଁ ଆବଶ୍ୟକ ଚିହ୍ନ (ଟ୍ରେଡ୍‌ମାର୍କ), କପିରାଇଟ୍, ପ୍ୟାଟେଣ୍ଟ, ଉଦ୍ୟୋଗ ପାଇଁ ଆବଶ୍ୟକ ଡାଞ୍ଚା, କିଛି ଅଧିକାର କ୍ଷେତ୍ରର ବାଣିଜ୍ୟିକ ଗୋପନୀୟତା ଅନ୍ତର୍ଭୁକ୍ତ ହୋଇଥାଏ। ଏହା କଳାତ୍ମକ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ସଙ୍ଗୀତ ଏବଂ ସାହିତ୍ୟ ଏବଂ ଶୈଳୀ (ଡିଜାଇନ୍)  ଭଳି ସବୁ ସମ୍ପତ୍ତିକୁ ବୌଦ୍ଧିକ ସମ୍ପତ୍ତି ରୂପରେ ସୁରକ୍ଷା ଦିଆଯାଇ ପାରିବ। ଏହି ଆଇନଗତ ଅଧିକାର ଦ୍ୱାରା, ଆପଣ ଅନ୍ୟମାନଙ୍କୁ ନିଜର ଜ୍ଞାନକୁ ବ୍ୟବହାର କରିବାରୁ ବନ୍ଦ କରି ପାରିବେ, ସେମାନଙ୍କୁ ମଧ୍ୟ ଧରି ପାରିବେ।

## ୨.୯.୧: ବିଶ୍ୱ ବାଣିଜ୍ୟ ସଂଗଠନ

ବିଶ୍ୱ ବାଣିଜ୍ୟ ସଂଗଠନ ବୌଦ୍ଧିକ ସମ୍ପତ୍ତି ଆଇନ୍‌କୁ ସିଦ୍ଧ ପ୍ରମାଣିତ କରିଥାଏ ଏବଂ ଏଗୁଡ଼ିକୁ ବାଣିଜ୍ୟିକ ପରିସର ଭିତରକୁ ଆଣିଥାଏ ଯାହା ବୌଦ୍ଧିକ ସମ୍ପତ୍ତି ଅଧିକାରଗୁଡ଼ିକ ସହିତ ସମ୍ବନ୍ଧିତ ଥାଏ। ଯାହା ଦେଶ ଭିତରେ ବାଧ୍ୟତାମୂଳକ ଥାଏ ଯାହା ସେହି ଅଧିକାରଗୁଡ଼ିକ ପ୍ରଦାନ କରିଛି।

ଏଠାରେ ବିଭିନ୍ନ ପ୍ରକାରର ବୌଦ୍ଧିକ ସମ୍ପତ୍ତିର ଅଧିକାର ଅଛି। ସେଗୁଡ଼ିକ ନିମ୍ନମତେ:-

୧) **ପେଟେଣ୍ଟସ (ଲାଇସେନ୍ସ)**-ନୂତନ ଉଦ୍ଭାବନ ବୈଜ୍ଞାନିକ ଏବଂ ଯାନ୍ତ୍ରିକ ଜ୍ଞାନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ, ତିଷ୍ଠିରହିଥିବା ପ୍ରଯୁକ୍ତିରେ ମୂଲ୍ୟଯୋଗ କରିଥାଏ। ଏହା ଉଦ୍ଭାବକ ଓ ସରକାରଙ୍କ ମଧ୍ୟରେ ଏକ ଚୁକ୍ତି (ଉଦାହରଣ ସ୍ୱରୂପ ଏକ ନୂତନ ଔଷଧ)

୨) **ବାଣିଜ୍ୟିକ ଚିହ୍ନ (ଟ୍ରେଡମାର୍କ) ଏବଂ ସେବା ଚିହ୍ନ**- ଜଣେ ନିର୍ମାତାଙ୍କର ନିବନ୍ଧରେ ପ୍ରୟୋଗ ହୋଇଥିବା ଏକ ଶବ୍ଦ, ସେବା କିମ୍ବା ସ୍ତରର ଦୃଶ୍ୟମାନ ପ୍ରତୀକ (ଉଦାହରଣ ସ୍ୱରୂପ- ଯାହୁ, ଜି, ହୋଣ୍ଡା ଇତ୍ୟାଦି)

୩) **ଶିଳ୍ପ ଶୈଳୀ (ଡିଜାଇନ୍)**- ବିଚାର (ଆଇଡିଆ) କିମ୍ବା ଏକ ଧାରଣା ଆକୃତିର ବିଶେଷ ଲକ୍ଷଣ ରୂପରେ, ଏକ ନିର୍ଦ୍ଦିଷ୍ଟ ପଦ୍ଧତି। କେତେଗୁଡ଼ିଏ (ଲାଇନ୍‌ର ରଚନାତ୍ମକ ଆଭୂଷଣ କିମ୍ବା ଏକ ଉପକରଣ (ଆର୍ଟିକିଲ)ରେ ଦିଆଯାଇଥିବା ରଙ୍ଗ ଏକ ଶିଳ୍ପଜାତ ଉତ୍ପାଦକୁ ସୁନ୍ଦର କରିବା ପାଇଁ ଶୈଳୀ (ଡିଜାଇନ୍) ଆବଶ୍ୟକ ଥାଏ, ଯାହା ଗ୍ରହକ/ ଜନସାଧାରଣଙ୍କୁ ଆକର୍ଷିତ କରିଥାଏ। ଯେ କୌଣସି ନୂତନ କିମ୍ବା ମୌଳିକ ଶୈଳୀ (ଡିଜାଇନ୍) ଏକ ଶିଳ୍ପଜାତ ପଦାର୍ଥକୁ ଆଳଙ୍କାରିକ କରିବା ପାଇଁ ଗ୍ରହଣ କରାଯାଇଥାଏ, ତାହା ଡିଜାଇନ ରେଜିଷ୍ଟ୍ରେସନ (ପଞ୍ଜୀକରଣ) ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ।

୪) **କପିରାଇଟ୍-** ସାହିତ୍ୟିକ, ନାଟକୀୟ, ସାଙ୍ଗୀତିକ (ବାଦ୍ୟଯନ୍ତ୍ର), କଳାତ୍ମକ କାମଗୁଡ଼ିକ, ଚଳଚ୍ଚିତ୍ର କଳାର ଲିପିବଦ୍ଧ (ରେକର୍ଡ) ଏବଂ ପ୍ରସାରଣର ନକଲ ଏବଂ ବ୍ୟବହାର କରିବାର ଅଧିକାର

୫) **ଭୌଗୋଳିକ ସଂକେତ-** ଭୌଗୋଳିକ ସଂକେତ କୌଣସି ଦେଶର ଅଞ୍ଚଳରେ ଉତ୍ପତ୍ତି କିମ୍ବା ଏକ ସ୍ଥାନ ଯେଉଁଠାରେ ଏକ ସମ୍ପତ୍ତିର ସ୍ୱତନ୍ତ୍ର ଗୁଣ, ପ୍ରତିଷ୍ଠା, କିମ୍ବା ଅନ୍ୟ ବିଶେଷତା ଅଛି ଯାହା ମୁଖ୍ୟତଃ ଭୌଗେଳିକ ଉତ୍ପତ୍ତି ସହିତ ଅନୁବନ୍ଧିତ ଥାଏ। ଉଦାହରଣ ସ୍ୱରୂପ- ଦାର୍ଜିଲିଂ ଚା', କାଞ୍ଚିପୁରମ୍ ଶାଢ଼ି ଇତ୍ୟାଦି

୬) **ନୂତନ ଉଦ୍ଭିଦର କିସମଗୁଡ଼ିକର ସୁରକ୍ଷା:** ଟ୍ରେଡ ରିଲେଟେଡ ଆସ୍‌ପେକ୍ଟସ୍ ଅଫ୍ ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟ୍ସ (ବୌଦ୍ଧିକ ଅଧିକାର ଆଇନର ବ୍ୟବସାୟିକ ଦିଗ ସମ୍ପର୍କିତ ନିୟମ- ଟି ଆର୍ ଆଇ ପି ଏସ୍) ବ୍ୟବସ୍ଥା ଅନୁସାରେ ବିଶ୍ୱ ବାଣିଜ୍ୟ ସଂଗଠନ

ପ୍ରତି ଦେଶର ସଦସ୍ୟମାନଙ୍କ ପାଇଁ ଏକ ଚୁକ୍ତିନାମା ତିଆରି କରିଥାଏ। (ନୂତନ ଉଦ୍ଭିଦର କିସମଗୁଡ଼ିକୁ ସୁରକ୍ଷା ଦେବା ପାଇଁ) ଉଦାହରଣ ସ୍ୱରୂପ- ଚାଉଳର ନୂଆ କିସମ, ଗହମର ନୂଆ କିସମ ଇତ୍ୟାଦି। ବ୍ୟବସ୍ଥା ଅନୁସାରେ ସଂଗଠନର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦୁଇ ପ୍ରକାରେ ନୂତନ ଉଦ୍ଭିଦର କିସମଗୁଡ଼ିକୁ ସୁରକ୍ଷା ଦେଇ ପାରିବେ।

(କ) ପେଟେଣ୍ଟ୍ ଆଇନ୍ ଅନୁସାରେ-

(ଖ) ଏକ ଅଲଗା/ ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା (ସୁଜେନେରିଜ୍ ପ୍ରଣାଳୀ)

## ୨.୧୦: ପ୍ରକାଶନାଧିକାର ୧୯୫୭

ଏହି ଅଧିନିୟମର ଉଦ୍ଦେଶ୍ୟ ହେଉଛି, କପିରାଇଟ୍ (ପ୍ରକାଶନାଧିକାର) ଯାହାର ଅର୍ଥ ହେଉଛି ଏହି ନିୟମର ବ୍ୟବସ୍ଥାଗୁଡ଼ିକର ସ୍ୱତନ୍ତ୍ର ଅଧିକାର। ଏହି ଆଇନ୍ କୌଣସି କାର୍ଯ୍ୟ ସମ୍ବନ୍ଧରେ ନିମ୍ନଲିଖିତ କୌଣସି କାର୍ଯ୍ୟ କରିବାକୁ କିମ୍ବା ଏହାର ଯେକୌଣସି ମହତ୍ତ୍ୱପୂର୍ଣ୍ଣ ଅଂଶ, ଯଥା-: ସାହିତ୍ୟ, ନାଟକ, ସଙ୍ଗୀତ କିମ୍ବା କଳା ବୌଦ୍ଧିକ ସମ୍ପତ୍ତିର ଅଂଶବିଶେଷ ହୋଇଥାଏ। ଏହାକୁ ବେଆଇନ ଭାବେ ନକଲ କିମ୍ବା ପୁନଃ ପ୍ରକାଶନରୁ ସୁରକ୍ଷିତ ରଖିବା ଜରୁରୀ। କପିରାଇଟ୍ (ପ୍ରକାଶନାଧିକାର) ନିୟମ,୧୯୫୭ ଏହି ସୁରକ୍ଷା ପ୍ରଦାନ କରେ। ଏହି ନିୟମ ଦୁଇଟି ପ୍ରତିଯୋଗିତାମୂଳକ ବିଚାର ଉପରେ ଆଧାରିତ। ଗୋଟିଏ ହେଉଛି , ସୃଷ୍ଟିକର୍ତ୍ତାଙ୍କର ସମ୍ପତ୍ତି, ତାହା ହେଉଛି ମୂଳ କାର୍ଯ୍ୟଗୁଡ଼ିକ ସୁରକ୍ଷିତ ହେବା ଆବଶ୍ୟକ। ଦ୍ୱିତୀୟଟି, ସମାଜର ସ୍ୱାର୍ଥ ପାଇଁ ଜ୍ଞାନର ବୃଦ୍ଧି ନିମନ୍ତେ, ଅନ୍ୟ ଲୋକମାନଙ୍କର ପ୍ରକାଶନାଧିକାରର କାର୍ଯ୍ୟଗୁଡ଼ିକର କିଛି ଅଂଶ ଉତ୍ପାଦନ ପାଇଁ କିଛି ପରିମାଣର ସ୍ୱାଧୀନତା ରହିବା ଉଚିତ୍। କପିରାଇଟ୍ (ପ୍ରକାଶନାଧିକାର) ବୋଲି ଧରାଯାଇଛି, ଯାହା ଜଣେ ବ୍ୟକ୍ତି ଏକ କାର୍ଯ୍ୟରେ ଅର୍ଜନ କରିଥାନ୍ତି, ଯାହା ତାଙ୍କର ବୌଦ୍ଧିକ ପରିଶ୍ରମର ଫଳାଫଳ ହେଇଥାଏ। କପିରାଇଟ୍ ପ୍ରକାଶନାଧିକାର ନିୟମର ପ୍ରାଥମିକ କାର୍ଯ୍ୟ ହେଉଛି ଜଣେ ମଣିଷଙ୍କ କାର୍ଯ୍ୟ, ପରିଶ୍ରମ କିମ୍ବା ଦକ୍ଷତାର ଫଳକୁ ଅନ୍ୟ ଲୋକମାନଙ୍କ ନିକଟରୁ ସୁରକ୍ଷିତ ରଖିବା।

ପ୍ରେସ ପରିପ୍ରେକ୍ଷୀରେ, କପିରାଇଟ୍ (ପ୍ରକାଶନାଧିକାର)ର ଅର୍ଥ ହେଉଛି କପିରାଇଟ୍ ନିୟମ ୧୯୫୭ର ଧାରା ଅନୁସାରେ ସାହିତ୍ୟ, ନାଟକ ଏବଂ ସାଙ୍ଗୀତିକ କାର୍ଯ୍ୟର ସ୍ୱତନ୍ତ୍ର ଅଧିକାର ପ୍ରଦାନ କରିବା, ଏବଂ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ମହତ୍ତ୍ୱପୂର୍ଣ୍ଣ ରୂପରେ ବିକଶିତ କରିବା ଏବଂ ଏଥିପାଇଁ ଅନୁମତି ଦେବା।

୧. କାମଗୁଡ଼ିକୁ ସାମଗ୍ରୀ ଆକାରରେ ପୁନଃ ଉତ୍ପାଦନ କରିବା

୨. କାମଗୁଡ଼ିକୁ ପ୍ରକାଶିତ କରିବା।

୩. କୌଣସି କାର୍ଯ୍ୟକୁ ହାତକୁ ନେବା ଏବଂ

୪. କାମର ଅନୁବାଦ କରି ପୁନଃ ଉତ୍ପାଦନ କିମ୍ବା ପ୍ରକାଶ କରିବା

୫. ଚଳଚ୍ଚିତ୍ର କାମଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା

୬. ଫିଲ୍ମର ଏକ କପି ତିଆରି କରିବା, ଯେଉଁଥିରେ ଫିଲ୍ମର କୌଣସି ଫଟୋର ଛବିକୁ ଅନ୍ତର୍ଭୁକ୍ତ କରିବା

୭. କୌଣସି ଧ୍ୱନିକୁ ରେକର୍ଡ କରି ଏକାଠି କରିବା

୮. କୌଣସି ଫିଲ୍ମ କିମ୍ବା ସାଉଣ୍ଡ୍ ରେକର୍ଡିଂର ନକଲ କରି ବିକ୍ରୟ କରିବା କିମ୍ବା ଭଡ଼ାରେ ଦେବା କିମ୍ବା ବିକିବା ପାଇଁ ଅଫର୍ (ପ୍ରସ୍ତାବ) ଦେବା ।

ଜାଣିଶୁଣି ନିୟମ ଉଲ୍ଲଘଂନ କରିବାର ଦଣ୍ଡ କିମ୍ବା ଏକ କପିରାଇଟ ନିୟମ ଅନୁସାରେ କାରାଦଣ୍ଡକୁ ବନ୍ଦ କରିବା ଦଣ୍ଡନୀୟ ଅଟେ, ଯାହା ଏକ ବର୍ଷ ପର୍ଯ୍ୟନ୍ତ ହୋଇଥାଏ କିମ୍ବା ଜୋରିମାନା ଲାଗିଥାଏ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇଥାଏ ।

## ୨.୧୧: ଆସ ପ୍ରଗତି ମାପିବା

କ) ଜଣାଶୁଣା ଅପରାଧ କ'ଣ ?

---------------------------------------------------------------------------
---------------------------------------------------------------------------
-----------------------------------

ଖ) ଆଇପିଆରର ବିଭିନ୍ନ କେଉଁ ରୂପ/ପ୍ରକାର ରହିଛି ?

---------------------------------------------------------------------------
---------------------------------------------------------------------------
-----------------------------------

ଗ) ପ୍ରେସ୍ ଆଇନ୍‌ରେ କେଉଁ ନିୟମଟି ଏମାନଙ୍କ ଭିତରେ ସର୍ବପୁରାତନ ଅଟେ ?

---------------------------------------------------------------------------
---------------------------------------------------------------------------
-----------------------------------

# ୟୁନିଟ୍- ୩: ପ୍ରସାରଣ ଅଧିନିୟମ ଏବଂ ସଂହିତା


୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୩: ପ୍ରସାରଣ ନିୟମ

୩.୪: ପ୍ରସାର ଭାରତୀ ନିୟମ, ୧୯୯୦

୩.୪.୧: ବିଭାଗ ୩: ନିଗମର ପ୍ରତିଷ୍ଠା ଏବଂ ରଚନା

୩.୪.୨: ବିଭାଗ ୧୨: ନିଗମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ

୩.୪.୩: ଧାରା ୧୪: ବ୍ରଡକାଷ୍ଟିଂ କାଉନ୍ସିଲପ୍ରତିଷ୍ଠା, କାର୍ଯ୍ୟକାଳ ଏବଂ ଅପସାରଣ ଇତ୍ୟାଦି

୩.୫: କେବୁଲ୍ ଟିଭି ନେଟ୍‌ୱର୍କ୍ ନିୟାମକ ଅଧିନିୟମ, ୧୯୯୫

୩.୫.୧: ବିଭାଗ ୩: କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ୍‌ର ନିୟମାବଳୀ

୩.୫.୨: ବିଭାଗ ୪: କେବୁଲ୍ ଅପରେଟର ଭାବରେ ପଞ୍ଜୀକରଣ

୩.୫.୩: ବିଭାଗ ୪(କ): ଉଚିତ ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରଣ ଇତ୍ୟାଦି

୩.୫.୪: ବିଭାଗ ୫: ପ୍ରୋଗ୍ରାମ୍ କୋଡ୍ (କାର୍ଯ୍ୟକ୍ରମ ସଂହିତା)

୩.୫.୫: ବିଭାଗ ୬: ବିଜ୍ଞାପନ କୋଡ୍

୩.୫.୬: ବିଭାଗ ୮: ଦୂରଦର୍ଶନ ଚ୍ୟାନେଲ୍‌ର ବାଧ୍ୟତାମୂଳକ ପ୍ରସାରଣ

୩.୫.୭: ଦୋଷ ଏବଂ ଜୋରିମାନା

୩.୬: ଡିଜିଟାଇଜେସନ୍ ଏଣ୍ଡ କଣ୍ଡିସନାଲ୍ ଆକ୍ସେସ ସିଷ୍ଟମ୍ (ସିଏଏସ୍)

୩.୭: ପ୍ରସ୍ତାବିତ ଭାରତୀୟ ପ୍ରସାରଣ ନିୟାମକ ପ୍ରାଧିକରଣ ଅଧିନିୟମ

୩.୮: ପ୍ରସାରଣ ଏବଂ ବିଜ୍ଞାପନ କୋଡ୍

୩.୯: ଆସ ପ୍ରଗତି ମାପିବା


## ୩.୧: ପଠନର ଉଦ୍ଦେଶ୍ୟ

ପୂର୍ବ ଏକକରେ ଆମେ ଇଣ୍ଡିଆନ୍ ପେନାଲ କୋଡ୍ ଏବଂ ଗଣମାଧ୍ୟମ ସମ୍ପର୍କିତ ବିଭିନ୍ନ ଅଧିନିୟମ ଉପରେ ଆଲୋଚନା କରିଥିଲେ। ଏହି ଏକକରେ ଆମେ ବିଭିନ୍ନ ପ୍ରସାରଣ ସମ୍ବନ୍ଧୀୟ ନିୟମ ଏବଂ କୋଡ୍ (ସଂହିତା) ଉପରେ ଆଲୋଚନା କରିବା। ଏହି ଏକକ ପାଠ କରି ସାରିବା ପରେ ଆମେ ଜାଣିବାକୁ ସକ୍ଷମ ହେବା:

୧. ପ୍ରସାରଣର ନିୟମ ସମୂହ

୨. ପ୍ରସାରଣ ସମ୍ପର୍କିତ ବିଭିନ୍ନ ନିୟମ, ଯଥା: ପ୍ରସାର ଭାରତୀ ନିୟମ, କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ୍ ନିୟାମକ ଅଧିନିୟମ, ପ୍ରସ୍ତାବିତ ଭାରତୀୟ ପ୍ରସାରଣ ନିୟାମକ ଅଧିନିୟମ।

୩. ପ୍ରସାରଣ ସମ୍ବନ୍ଧୀୟ ଅପରାଧ ଏବଂ ଜୋରିମାନା।

## ୩.୨ : ବିଷୟ ପରିଚୟ



ଭାରତରେ ୩୧ ଜୁଲାଇ ୧୯୨୪ରେ ପ୍ରଥମ ଥର ପାଇଁ ମାଡ୍ରାସ୍ ପ୍ରେସିଡେନ୍ସି ରେଡିଓ କ୍ଲବ୍ ଏୟାରରେ ପ୍ରସାରିତ ହେବା ପରେ ପ୍ରସାରଣ (ବ୍ରଡ୍‌କାଷ୍ଟିଂ) ଆରମ୍ଭ ହୋଇଥିଲା। ତଥାପି ସେମାନଙ୍କର ପ୍ରମୁଖ ପ୍ରୟାସ ୧୯୨୭ରେ ଆର୍ଥିକ ସମସ୍ୟା ସହିତ ଶେଷ ହୋଇଥିଲା। ସେହି ବର୍ଷ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ ଯାହା କି ଏକ ବାଣିଜ୍ୟିକ ଅଣ୍ଡରଟେକିଂ (ଉପକ୍ରମ) ଥିଲା, ତାହା ଦୁଇଟି ପ୍ରମୁଖ ସହର ବମ୍ବେ ଏବଂ କଲିକତାରେ ନିୟମିତ ସେବା ପ୍ରଦାନ କରିବା ଆରମ୍ଭ କଲା। ମାର୍ଚ୍ଚ ୧୯୩୦ରେ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ କମ୍ପାନୀ ପରିସମାପନ/ବାତିଲ ହୋଇ ଯାଇଥିଲା। ଏକ ମାସ ପରେ, ସେତେବେଳର ଭାରତୀୟ ସରକାର କମ୍ପାନୀ ମାମଲାକୁ ନିଜ ନିୟନ୍ତ୍ରଣକୁ ଆଣିଲେ ଏବଂ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍ ଜନ୍ମଲାଭ କଲା; କିନ୍ତୁ ଏହାର ଖରାପ ସମୟ ସରି ନଥିଲା। ୧୮ ମାସର ପରିଚାଳନା ପରେ କ୍ୱଚିତ୍ ଏହା ଏକ ଉପଯୋଗୀ ପ୍ରସ୍ତାବ ବୋଲି ଧରି ନେଇ ସରକାର ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ। ଏହି ସମୟରେ ଜନସାଧାରଣ ତୀବ୍ର ସମାଲୋଚନା କରିବାକୁ ଆରମ୍ଭ କଲେ ଏବଂ ସରକାର ଏହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାର ନିଷ୍ପତ୍ତିରୁ ଓହରି ଗଲେ। ଏବଂ ଏହିପରି ମେ', ୧୯୩୨ରେ ଇଣ୍ଡିଆନ୍ ବ୍ରଡ୍‌କାଷ୍ଟିଂ (ଭାରତୀୟ ପ୍ରସାରଣ) ସ୍ଥାୟୀ ଜୀବନ ପାଇଲା। ତା' ପରର ଚାରି ବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ ବିକାଶ ଲକ୍ଷ୍ୟ କରାଗଲା ଏବଂ ଜୁନ୍, ୧୯୩୬ରେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂକୁ ବର୍ତ୍ତମାନର ନାମ ଅଲ୍ ଇଣ୍ଡିଆ ରେଡିଓ ଦିଆଗଲା। ଏବଂ ଏହା ପରେ ଅନେକ ଆଇନ୍ ଏବଂ ଅଧିନିୟମ ଆସିଲା ଯାହା ସମ୍ପର୍କରେ ଆମେ ଏଠାରେ ଆଲୋଚନା କରିବା।

## ୩.୩: ପ୍ରସାରଣ ନିୟମ

ପ୍ରସାରଣ ହେଉଛି ଅଡିଓ ଏବଂ ଭିଡିଓ ମାଧ୍ୟମରେ ସୂଚନାର ପ୍ରସାରଣ କରିବା। ପ୍ରସାରଣରେ ଉଭୟ ରେଡିଓ ଏବଂ ଟେଲିଭିଜନ୍ ସାମିଲ ହୋଇଥାଏ- ଯାହା ଗଣମାଧ୍ୟମର ଏକ ବୃହତ୍ ଅଂଶ ହୋଇଥାଏ। ଭାରତରେ ଅଲ୍ ଇଣ୍ଡିଆ ରେଡିଓ ମାଧ୍ୟମରେ ରେଡିଓର ପ୍ରସାରଣ ୧୯୩୬ରେ ଆରମ୍ଭ ହୋଇଥିଲା ଏବଂ ୧୯୫୯ରେ ଦୂରଦର୍ଶନ ମାଧ୍ୟମରେ ଟେଲିଭିଜନ୍ ପ୍ରସାରଣ (ବ୍ରଡ୍‌କାଷ୍ଟିଂ) ଆରମ୍ଭ ହୋଇଥିଲା। ପ୍ରଥମ ଥର ପାଇଁ ପ୍ରସାରଣ ନିୟମକୁ ନେଇ ଏକ ବ୍ୟାପକ ଆଇନ୍ ଆକାଶ ଭାରତୀ ବିଲ୍, ୧୯୭୮ ଡ୍ରାଫ୍ଟ କରାଗଲା, ଆକାଶବାଣୀ ଏବଂ ଦୂରଦର୍ଶନକୁ ସ୍ୱୟଂଚାଳିତ କରିବା ପାଇଁ ବି.ଜି. ଭର୍ଗିଜ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କାର୍ଯ୍ୟକାରୀ କମିଟି ଏହି ପ୍ରସ୍ତାବ ଦେଇଥିଲେ। ଆଇନ ତିଆରି କରିବାରେ ସହାୟତା ପ୍ରଦାନ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ପ୍ରସ୍ତୁତ ଚିଠା ବିଲ୍, ନ୍ୟାସନାଲ ବ୍ରଡ୍‌କାଷ୍ଟିଂ ଟ୍ରଷ୍ଟ୍ ଗଠନ କରିବାରେ ଏକ ସରଳ ବିଧି ପ୍ରଦାନ କଲା ଏବଂ ଏହାର ଉଦ୍ଦେଶ୍ୟ, ପରିସର, କ୍ଷମତା ଏବଂ ମୌଳିକ ଢାଞ୍ଚା ସ୍ଥାପନ କଲା। ନ୍ୟାସନାଲ ବ୍ରଡ୍‌କାଷ୍ଟିଂ ଟ୍ରଷ୍ଟ ପ୍ରତିଷ୍ଠା କରିଥିବା ଆକାଶ ଭାରତୀ ଆଇନ ଜାନୁଆରୀ ୧୯୭୯ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ଆକାଶବାଣୀ ଏବଂ ଦୂରଦର୍ଶନ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଂଲଗ୍ନ କାର୍ଯ୍ୟାଳୟ ହୋଇ ରହିବାରେ ଅନ୍ତ ଘଟିବ।

ଏହି ପ୍ରାରମ୍ଭିକ ପ୍ରୟାସର ଫଳାଫଳ ଯାହା ହେଲା, ତାହା ଏବେ ଇତିହାସର ଏକ ଅଂଶ, ଜନତା ଦଳର ସରକାର, ଯିଏକି ଏହି ବିଲ୍‌କୁ ସ୍ୱୟଂଚାଳନା ନିମନ୍ତେ ମିଶ୍ରିତ ବ୍ୟବସ୍ଥା ସହିତ ଉପସ୍ଥାପନ କରିଥିଲା, ଆଇନ୍‌ଟି କାର୍ଯ୍ୟକାରୀ ହେବା ପୂର୍ବରୁ କ୍ଷମତାରୁ ଅପସାରିତ ହୋଇ ଯାଇଥିଲା ।

## ୩.୪: ପ୍ରସାର ଭାରତୀ ନିୟମ, ୧୯୯୦

୧୯୯୦ ମସିହାରେ ସଂସଦ ପ୍ରସାର ଭାରତୀ (ଭାରତୀୟ ପ୍ରସାରଣ ନିଗମ) ନିୟମକୁ କାର୍ଯ୍ୟକାରୀ କଲା । ଭାରତୀୟ ପ୍ରସାରଣ ନିଗମ ପ୍ରତିଷ୍ଠା କରାଯିବା ପାଇଁ ଏହି ନିୟମ କରାଗଲା । ଏହି ନିୟମର ଅନନ୍ୟ ବୈଶିଷ୍ଟ୍ୟ ହେଲା, ଏହା ପ୍ରସାରଣର ସଂଜ୍ଞାକୁ ବ୍ୟାପକ କଲା । ଧାରା ୨୯ (ଗ) ଅନୁସାରେ 'ପ୍ରସାରଣ ଅର୍ଥ ଯୋଗାଯୋଗର ଯେ କୌଣସି ପ୍ରକାରର, ପ୍ରସାରଣ ଯଥା- ଚିତ୍ର, ଚିହ୍ନ, ଲେଖା, ଛବି ଏବଂ ଶବ୍ଦ ଭଳି ସମସ୍ତ ପ୍ରକାରର ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ (ବୈଦ୍ୟୁତିକ ଚୁମ୍ବକୀୟ) ତରଙ୍ଗ କେବୁଲ୍ ମାଧ୍ୟମରେ ସାଧାରଣ ଜନତା ପାଖରେ ପ୍ରତ୍ୟକ୍ଷ ଭାବରେ କିମ୍ୱା ପରୋକ୍ଷ ଭାବରେ ରିଲେ ଷ୍ଟେସନ୍ ସହାୟତାରେ ପହଞ୍ଚିବ ଏବଂ ଏହାର ସମସ୍ତ ବ୍ୟାକରଣ ଭିତ୍ତିକ ବିବିଧତା ଏବଂ ଅନୁଭୂତିର ଅଭିବ୍ୟକ୍ତି ତଦନୁସାରେ ନିର୍ମାଣ କରାଗଲା । ଏହା ଅଧିକ ବ୍ୟାପକ ହେଲା, କାରଣ ଏହା ମହାଶୂନ୍ୟ କିମ୍ୱା କେବୁଲ୍ ମାଧ୍ୟମରେ ବୈଦ୍ୟୁତିକ ଚୁମ୍ବକୀୟ (ଇଲେକ୍ଟ୍ରୋ ମ୍ୟାଗନେଟିକ୍) ତରଙ୍ଗର ଟ୍ରାନ୍ସମିସନର ଯତ୍ନ ନେଇଥାଏ ।

ଏହି ନିୟମର ପ୍ରମୁଖ ବିଶେଷତ୍ୱ

### ୩.୪.୧: ଧାରା ୩

ନିଗମର ସ୍ଥାପନ ଏବଂ ସଂଯୋଜନା

୧. ଯେହେତୁ ଏହି ତାରିଖରୁ କେନ୍ଦ୍ର ସରକାର ଏହି ନାମରେ ନିଯୁକ୍ତି ବିଜ୍ଞପ୍ତି ଦ୍ୱାରା କରିପାରନ୍ତି, ଏହି କାର୍ଯ୍ୟର ଉଦ୍ଦେଶ୍ୟ ପାଇଁ ଏକ ନିଗମ ପ୍ରତିଷ୍ଠା କରାଯିବ, ଯାହା ପ୍ରସାର ଭାରତୀ ନିୟମ (ଭାରତୀୟ ପ୍ରସାରଣ ନିଗମ) ନାମରେ ପରିଚିତ ହେବ ।

୨. ଏହି ନିଗମ ଏମିତି ଏକ ସଂସ୍ଥା ହେବ, ଯାହାର ଚିରାଚରିତ ଉଭୟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଅଧିଗ୍ରହଣ, ଉତ୍ତରାଧିକାରୀ ରହିବେ ଏବଂ ଏହାକୁ ଧରି ରଖିବା ଏବଂ ବ୍ୟବସ୍ଥିତ କରିବା ପାଇଁ ତଥା ଚୁକ୍ତି କରିବା ପାଇଁ ଏକ ସାଧାରଣ ମୋହର ରହିବ ଏବଂ ସେହି ନାମରେ ମୋକଦ୍ଦମା ଦାୟର କରାଯାଇପାରିବ ।

୩. ଏହି ନିଗମର ମୁଖ୍ୟ କାର୍ଯ୍ୟସ୍ଥଳୀ ନୂଆଦିଲ୍ଲୀ ରହିବ ଏବଂ ନିଗମ ଭାରତର ଅନ୍ୟ ସ୍ଥାନରେ ଏବଂ ଅନ୍ୟ ଦେଶରେ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନକ୍ରମେ କାର୍ଯ୍ୟାଳୟ କେନ୍ଦ୍ର କିମ୍ୱା ଷ୍ଟେସନ୍ ସ୍ଥାପନ କରିପାରିବ ।

୪. ନିଗମର ସାଧାରଣ ଅଧିକ୍ଷଣ, ନିର୍ଦ୍ଦେଶନା ଏବଂ ପରିଚାଳନା ସମ୍ପର୍କିତ ବ୍ୟାପାରର ଦାୟିତ୍ୱ ପ୍ରସାର ଭାରତୀ ଉପରେ ନ୍ୟସ୍ତ ରହିବ, ଯାହା ଏହି ନିୟମ ଅଧୀନରେ ନିଗମ ଦ୍ୱାରା କାର୍ଯ୍ୟକାରୀ ହେବ ।

୫. ବୋର୍ଡ ନିମ୍ନୋକ୍ତ ପଦଧାରୀ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ (କ) ଅଧକ୍ଷ (ଖ) ଜଣେ କାର୍ଯ୍ୟନିର୍ବାହୀ ସଦସ୍ୟ (ଗ) ଜଣେ ସଦସ୍ୟ- ଆର୍ଥିକ (ଘ) ଜଣେ ସଦସ୍ୟ (ବ୍ୟକ୍ତିଗତ) (ଙ) ଛଅ ଜଣ ସାମୟିକ ସଦସ୍ୟ (ଚ) ଡାଇରେକ୍ଟର ଜେନେରାଲ (ଆକାଶବାଣୀ) (ଛ) ଡାଇରେକ୍ଟର

ଜେନେରାଲ (ଦୂରଦର୍ଶନ) (ଜ) କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ମନୋନୀତ ହୋଇଥିବା ସେହି ମନ୍ତ୍ରଣାଳୟ ଦ୍ୱାରା ମନୋନୀତ ହୋଇଥିବା ସେହି ମନ୍ତ୍ରଣାଳୟର ଜଣେ ପ୍ରତିନିଧି (ଝ) ନିଗମର ଦୁଇ ଜଣ କର୍ମଚାରୀ ପ୍ରତିନିଧି, ସେମାନଙ୍କ ଭିତରୁ ଜଣେ ଇଞ୍ଜିନିୟରିଂ ଷ୍ଟାଫ୍‌ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରୁ ଜଣେ ହୋଇଥିବ ଏବଂ ଅନ୍ୟ ଜଣେ ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ସହିତ ସେମାନଙ୍କ ମଧ୍ୟରୁ ଜଣେ ହୋଇଥିବ।

**୩.୪.୨: ଧାରା ୧୨**

***ନିଗମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ***

ଅଧିନିୟମର ପ୍ରାବଧାନର ଅଧୀନ, ଏହା ନିଗମର ପ୍ରାଥମିକ କାର୍ଯ୍ୟ ହେବ, ସରକାରୀ ପ୍ରସାରଣ ସେବାକୁ ବ୍ୟବସ୍ଥିତ ଏବଂ ପରିଚାଳିତ କରି ଜନସାଧାରଣଙ୍କୁ ସୂଚନା ଦେବ, ଶିକ୍ଷିତ କରିବା ଏବଂ ମନୋରଞ୍ଜନ କରିବା ଏବଂ ରେଡିଓ ଏବଂ ଟେଲିଭିଜନ୍ ଭିତରେ ପ୍ରସାରଣର ଉନ୍ନତି ପାଇଁ ଭାରସାମ୍ୟ ରକ୍ଷା କରିବାକୁ ନିଶ୍ଚିତ କରିବା। ନିଗମ, ଏହାର କାର୍ଯ୍ୟକୁ ନିର୍ବାହ କରିବା ପାଇଁ, ନିମ୍ନରେ ଥିବା ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହେବେ,

(କ) ଦେଶର ଏକତା ଏବଂ ଅଖଣ୍ଡତା ଏବଂ ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ନୈତିକତାକୁ ବଜାୟ ରଖିବା।

(ଖ) ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ, ଜାତୀୟ କିମ୍ବା ଆନ୍ତର୍ଜାତିକ ବ୍ୟାପାର ସମ୍ପର୍କରେ ସ୍ୱାଧୀନ ଭାବେ, ସତ୍ୟ ଏବଂ ନିଷ୍ପକ୍ଷ ଭାବେ ସୂଚନା ପ୍ରଦାନ କରି ଏବଂ ସୂଚନାର ଏକ ସଠିକ୍ ଏବଂ ଭାରସାମ୍ୟଯୁକ୍ତ ଉତ୍ସକୁ ଉପସ୍ଥାପନ କରି, ନିଜର ମତାମତ କିମ୍ବା ବିଚାରଧାରାର ଓକିଲାତି ନକରି ଏହାର ବିପରୀତ ବିଚାର ଖବର ସମ୍ପର୍କରେ ସୂଚନା ଦେଇ ନାଗରିକ ମାନଙ୍କର ସ୍ୱାର୍ଥର ସୁରକ୍ଷା କରିବା।

(ଗ) ଶିକ୍ଷା କ୍ଷେତ୍ର ଏବଂ ଶିକ୍ଷାର ପ୍ରସାର, କୃଷି, ଗ୍ରାମ୍ୟ ଉନ୍ନୟନ ପରିବେଶ, ସ୍ୱାସ୍ଥ୍ୟ ଏବଂ ପରିବାର ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେଉଛନ୍ତି।

(ଘ) ଦେଶର ବିଭିନ୍ନ ଅଞ୍ଚଳର, ବିଭିନ୍ନ ସଂସ୍କୃତି ଏବଂ ଭାଷାର ଲୋକମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟକ୍ରମର ପ୍ରସାରଣ କରି ପର୍ଯ୍ୟାପ୍ତ ପରିମାଣରେ କଭରେଜ୍ ପ୍ରଦାନ କରିବ।

(ଙ) ସୁସ୍ଥ ପ୍ରତିଯୋଗିତା ଏବଂ ଖେଳୁଆଡ୍ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ ଖେଳକୁ ପର୍ଯ୍ୟାପ୍ତ ପରିମାଣରେ କଭରେଜ୍ ପ୍ରଦାନ କରିବ।

(ଚ) ଯୁବ ଗୋଷ୍ଠୀଙ୍କର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଯୁକ୍ତ କାର୍ଯ୍ୟକ୍ରମ ପ୍ରଦାନ କରିବ।

(ଛ) ମହିଳାମାନଙ୍କ ସ୍ଥିତି ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି, ଏବଂ ମହିଳାମାନଙ୍କ ଉତ୍‌ଥାନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେଇ ରାଷ୍ଟ୍ରୀୟ ସୂଚନାକୁ ସୂଚିତ କରିବା ଏବଂ ପ୍ରୋତ୍ସାହିତ କରିବା।

(ଜ) ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରି ଏବଂ ଶୋଷଣ, ଅସମାନତା ଏବଂ ଏହିଭଳି କିଛି କୁପ୍ରଥା, ଯେମିତି ଛୁଆଁ ଅଛୁଆଁ ପରିସ୍ଥିତିର ମୁକାବିଲା କରିବା ଏବଂ ସମାଜର ଦୁର୍ବଳ ଶ୍ରେଣୀର ମଙ୍ଗଳକୁ ଅଧିକ କରିବା।

(ଝ) ଶ୍ରମିକ ଶ୍ରେଣୀର ଅଧିକାରକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କର ହିତକୁ ଅଧିକ କରିବା।

(ଛ) ଗ୍ରାମବାସୀ ଏବଂ ଦୁର୍ବଳ ଶ୍ରେଣୀର ଲୋକ ଏବଂ ଯେଉଁମାନେ ସୀମା, ଅଞ୍ଚଳ, ପଛୁଆ ଏବଂ ଦୂରଦୂରାନ୍ତରେ ରହୁଛନ୍ତି, ସେମାନଙ୍କୁ ସେବା ପ୍ରଦାନ କରିବା

(ଟ) ସଂଖ୍ୟାଲଘୁ ଏବଂ ଆଦିବାସୀ ସମ୍ପ୍ରଦାୟର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଯୁକ୍ତ କାର୍ଯ୍ୟକ୍ରମ ପ୍ରଦାନ କରିବ।

(ଠ) ଶିଶୁ, ଦୃଷ୍ଟିଶକ୍ତି ବାଧିତ, ବୟସ୍କ, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା।

(ଡ) ଏଭଳି ପ୍ରସାରଣ କରାଯିବ, ଯାହା ଭାରତର ରାଷ୍ଟ୍ରଭାଷାକୁ ଯୋଗାଯୋଗରେ ବ୍ୟବହାର କରିବ, ଯାହା ଫଳରେ ଜାତୀୟ ଅଖଣ୍ଡତାକୁ ପ୍ରୋତ୍ସାହିତ କରାଯାଇ ପାରିବ ଏବଂ ପ୍ରତି ରାଜ୍ୟର ଭାଷାକୁ ସେହି ରାଜ୍ୟରେ ଆଞ୍ଚଳିକ ପ୍ରସାରଣ ସେବାରେ ବ୍ୟବହାର କରିବା।

(ଢ) ଉପଯୁକ୍ତ ପ୍ରଯୁକ୍ତିକୁ ପସନ୍ଦ କରି ଏବଂ ପ୍ରସାରଣ ବାରମ୍ବାରତାର ସର୍ବୋତ୍କୃଷ୍ଟ ବ୍ୟବହାର କରି ତଥା ଉଚ୍ଚ ମାନର ବ୍ୟବହାରକୁ ସୁନିଶ୍ଚିତ କରି ବ୍ୟାପକ ପ୍ରସାରଣ କଭରେଜ୍ ପ୍ରଦାନ କରିବା।

(ଣ) ରେଡିଓ ଏବଂ ଟେଲିଭିଜନ୍ ପ୍ରସାରଣ ପ୍ରଯୁକ୍ତି କ୍ରମାଗତ ଭାବେ ଅପଡେଟ୍ ହେବାକୁ ସୁନିଶ୍ଚିତ କରିବା ପାଇଁ ଗବେଷଣା ଏବଂ ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏବଂ

(ତ) ବିଭିନ୍ନ ସ୍ତରରେ ପ୍ରସାରଣ ନିମନ୍ତେ ଅତିରିକ୍ତ ଚ୍ୟାନେଲ୍ ସ୍ଥାପନ କରି ପ୍ରସାରଣ ସୁବିଧାକୁ ବ୍ୟାପକ କରିବା।

### ୩.୪.୩: ଧାରା ୧୪

ପ୍ରସାରଣ ପରିଷଦ (ବ୍ରଡ୍‌କାଷ୍ଟିଂ କାଉନସିଲ୍) ସ୍ଥାପନ କାର୍ଯ୍ୟାଳୟର କାର୍ଯ୍ୟକାଳ ଏବଂ ପଦରୁ ହଟେଇବା ଇତ୍ୟାଦି

(୧) ବିଜ୍ଞପ୍ତି ଦ୍ୱାରା, ନିଯୁକ୍ତି ଦିବସ ପରେ ଯେତେ ଶୀଘ୍ର ସମ୍ଭବ ହୋଇପାରେ, ଏକ ପରିଷଦ ସେଠାରେ ସ୍ଥାପିତ ହେବ, ଯାହା ବ୍ରଡ୍‌କାଷ୍ଟିଂ କାଉନସିଲ୍ (ପ୍ରସାରଣ ପରିଷଦ) ଭାବେ ଜଣାଶୁଣା, ଧାରା ୧୫ ଅନୁସାରେ ଅଭିଯୋଗ ଗ୍ରହଣ କରିବ ଏବଂ ତାହା ଉପରେ ବିଚାର କରିବ ଏବଂ ନିଗମକୁ ଏହାର କାର୍ଯ୍ୟ ଅନୁସାରେ ପରାମର୍ଶ ଦେବ ଯେ ଧାରା ୧୨ ଅନୁସାରେ ଏହାର ଉଦ୍ଦେଶ୍ୟକୁ ସ୍ଥାପିତ କରିବା ପାଇଁ

(୨) ବ୍ରଡ୍‌କାଷ୍ଟିଂ କାଉନସିଲ୍ (ପ୍ରସାରଣ ପରିଷଦ) ଗଠିତ ହେବ

(କ) ଜଣେ ସଭାପତି ଏବଂ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସର୍ବସାଧାରଣଙ୍କ ମଧ୍ୟରେ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରୁ ଚୟନ କରାଯାଇଥିବା ଦଶ ଜଣ ସଦସ୍ୟ

(ଖ) ସଂସଦର ଚାରିଜଣ ସଦସ୍ୟ, ଯେଉଁମାନଙ୍କ ମଧ୍ୟରୁ ବାଚସ୍ପତିଙ୍କ ଦ୍ୱାରା ନାମାଙ୍କିତ ଦୁଇ ଜଣ ବ୍ୟକ୍ତି ଏବଂ ଦୁଇଜଣ ରାଷ୍ଟ୍ର ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ନାମାଙ୍କିତ ସଦସ୍ୟ

## ୩.୫: କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ ନିୟାମକ ଅଧିନିୟମ, ୧୯୯୫

ଏହା ଏକ ଅଧିନିୟମ ଯାହା ଦେଶରେ କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କର ପରିଚାଳନାକୁ ନିୟମିତ କରିବ ଏବଂ ଏହା ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟ କରିବ।

**୩.୫.୧: ଧାରା ୩**

***କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ ନିୟାମକ***

ଏହି ଅଧିନିୟମ ଅଧୀନରେ ଦେଶର କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ ପରିଚାଳିତ ହୁଏ।

**୩.୫.୨: ଧାରା ୪**

***କେବୁଲ୍ ଅପରେଟର ଭାବେ ପଞ୍ଜିକରଣ***



ଯେ କୌଣସି ବ୍ୟକ୍ତି କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କକୁ ପରିଚାଳନା କରିବାକୁ ଚାହାନ୍ତି କିମ୍ବା ପରିଚାଳନା କରିବା ପାଇଁ ଇଚ୍ଛୁକ ଥାଆନ୍ତି, ସେ ପଞ୍ଜିକୃତ ଅଧିକାରୀଙ୍କ ନିକଟରେ କେବୁଲ୍ ଅପରେଟର୍ ଭାବେ ପଞ୍ଜିକରଣ କରିବା ପାଇଁ ଆବେଦନ କରିପାରିବେ।

**୩.୫.୩: ଧାରା ୪( କ)**

***ସମାଧାନଯୋଗ୍ୟ ବ୍ୟବସ୍ଥା ଇତ୍ୟାଦି ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକ୍ରମର ପ୍ରସାରଣ***

୧) ଯେଉଁ କ୍ଷେତ୍ରରେ କେନ୍ଦ୍ର ସରକାର ସନ୍ତୁଷ୍ଟ ହୋଇଥାନ୍ତି ଯେ ଏହା ଜନସ୍ୱାର୍ଥ ନିମନ୍ତେ ଆବଶ୍ୟକ, କାର୍ଯ୍ୟାଳୟ ବିଜ୍ଞପ୍ତି ଦ୍ୱାରା, ପ୍ରତ୍ୟେକ କେବୁଲ୍ ଅପରେଟରଙ୍କ ପାଇଁ ଏହା ଆନିବାର୍ଯ୍ୟ ହୋଇଥାଏ ଯେ, କୌଣସି ଦେୟ ଚ୍ୟାନେଲକୁ ଏକ ଆଡ୍ରେସେବଲ୍ ସିଷ୍ଟମ୍ ମାଧ୍ୟମରେ ପ୍ରସାରଣ  କିମ୍ବା ପୁନଃପ୍ରସାରଣ କରିବା, ଏକ ନିର୍ଦ୍ଦିଷ୍ଟ ଦିନଠାରୁ ଯାହା ଲାଗୁ ହୋଇଥାଏ, ଯାହା ବିଭିନ୍ନ ରାଷ୍ଟ୍ର, ସହର, ନଗର ପାଇଁ ନିର୍ଦ୍ଦିଷ୍ଟ ରୂପେ ନିର୍ଦ୍ଧାରିତ ହୋଇଥାଏ।

୨) ଯଦି କେନ୍ଦ୍ର ସରକାର ଏହା ଜନସ୍ୱାର୍ଥ ନିମନ୍ତେ ଆବଶ୍ୟକ ବୋଲି ସନ୍ତୁଷ୍ଟ ହୋଇଥାନ୍ତି, ତେବେ ସେ ଅଫିସିଆଲ୍ ଗେଜେଟ୍ ମାଧ୍ୟମରେ ବିଜ୍ଞପ୍ତି ଜାରି କରିଥାନ୍ତି, ନିର୍ଦ୍ଦିଷ୍ଟ ଭାବେ ଗୋଟିଏ କିମ୍ବା ଏକାଧିକ ମୁକ୍ତ ପ୍ରସାରଣ ଚ୍ୟାନେଲ୍‌କୁ ପ୍ୟାକେଜ୍ ଭିତରେ ଅର୍ନ୍ତଭୁକ୍ତ କରାଇଥାନ୍ତି, ଯେଉଁ ପ୍ୟାକେଜ୍ ଭିତରେ ମନୋରଞ୍ଜନ, ସୂଚନା, ଶିକ୍ଷା ଏବଂ ସେହିଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଥାଏ।

୩)  କେନ୍ଦ୍ର ସରକାର ବିଜ୍ଞପ୍ତିରେ ଏହା ମଧ୍ୟ ଉଲ୍ଲେଖ କରିଥାନ୍ତି ଯେ, ଉପ-ଧାରା( ୨ )କୁ ଦେଖାଯାଉ, ଚ୍ୟାନେଲ୍‌ର ପ୍ୟାକେଜ୍ ମଧ୍ୟରେ ଅନେକ ମୁକ୍ତ ପ୍ରସାରଣ ଚ୍ୟାନେଲ୍‌କୁ ଅର୍ନ୍ତଭୁକ୍ତ କରାଯାଇଥାଏ, ଯାହା ବିଭିନ୍ନ ରାଜ୍ୟ, ସହର, ନଗର ଏବଂ ଅଞ୍ଚଳ ପାଇଁ ମୌଳିକ ସେବା ପ୍ରସ୍ତୁତ କରିଥାଏ।

୪) ଯଦି କେନ୍ଦ୍ର ସରକାର ଜନସ୍ୱାର୍ଥ ନିମନ୍ତେ ଆବଶ୍ୟକ ବୋଲି ସନ୍ତୁଷ୍ଟ ହେଇଥାନ୍ତି, ତେବେ ଅଫିସିଆଲ୍ ଗେଜେଟ୍ ମାଧ୍ୟମରେ, ଜଣେ କେବୁଲ୍ ଅପରେଟର ତାଙ୍କ ଦ୍ୱାରା ଦିଆଯାଉଥିବା ସେବା ନିମନ୍ତେ ଉପଭୋକ୍ତାଙ୍କଠାରୁ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ କେତେ ଅଧିକ ଅର୍ଥ ଦାବି କରି ପାରିବ, ତାହାକୁ ଉଲ୍ଲେଖ କରିଥାନ୍ତି।

### ୩.୫.୪: ଧାରା ୫

*ପ୍ରୋଗ୍ରାମ କୋଡ୍ (କାର୍ଯ୍ୟକ୍ରମ ସଂହିତା)*

କୌଣସି ବ୍ୟକ୍ତି ଏକ କେବୁଲ୍ ସେବା ମାଧ୍ୟମରେ କୌଣସି କାର୍ଯ୍ୟକ୍ରମକୁ ପ୍ରସାରିତ କିମ୍ବା ପୁନଃପ୍ରସାରିତ ସେ ପର୍ଯ୍ୟନ୍ତ କରିବେ ନାହିଁ, ଯେ ପର୍ଯ୍ୟନ୍ତ, ସେହିଭଳି କାର୍ଯ୍ୟକ୍ରମ ନିର୍ଦ୍ଧାରିତ କାର୍ଯ୍ୟକ୍ରମ କୋର୍ଡ (ସଂହିତା) ଅନୁସାରେ ଅନୁପାଳନ ନ ହୋଇଛି।

### ୩.୫.୫: ଧାରା ୬

*ବିଜ୍ଞାପନ ସଂହିତା*

କୌଣସି ବ୍ୟକ୍ତି ଏକ କେବୁଲ୍ ସେବା ମାଧ୍ୟମରେ କୌଣସି ବିଜ୍ଞାପନକୁ ପ୍ରସାରଣ କିମ୍ବା ପୁନଃପ୍ରସାରଣ କରି ପାରିବେ ନାହିଁ, ଯେ ପର୍ଯ୍ୟନ୍ତ, ସେହିଭଳି ବିଜ୍ଞାପନ ନିର୍ଦ୍ଧାରିତ କାର୍ଯ୍ୟକ୍ରମ କୋଡ୍‌ର ଅନୁପାଳନ ନହୋଇଛି।

### ୩.୫.୬: ଧାରା ୮

*ଦୂରଦର୍ଶନ ଚ୍ୟାନେଲ୍‌ର ବାଧ୍ୟତାମୂଳକ ପ୍ରସାରଣ*

୧) କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ୍ ସଂଶୋଧନ ନିୟମ, ୨୦୦୦ ଆରମ୍ଭ ହେବା ଦିନଠାରୁ ପ୍ରତ୍ୟେକ କେବୁଲ୍ ଅପରେଟର୍ ଅତି କମ୍‌ରେ ଦୁଇଟି ସ୍ଥାନୀୟ ଦୂରଦର୍ଶନ ଚ୍ୟାନେଲ୍ ଏବଂ ରାଜ୍ୟର ପ୍ରାଇମ୍ ବ୍ରାଣ୍ଡର ଗୋଟିଏ ଆଞ୍ଚଳିକ ଚ୍ୟାନେଲ୍‌କୁ ସ୍ଥାନୀୟ ଫ୍ରିକ୍ୱେନ୍ସି ଅନୁସାରେ ନକରି ସ୍ୟାଟେଲାଇଟ୍ ମୋଡ୍‌ରେ ପୁନଃ-ପ୍ରସାରିତ କରିବେ।

୨) ଦୂରଦର୍ଶନ ଚ୍ୟାନେଲ୍ ଉପଧାରା (୧) ଅନୁସାରେ କୌଣସି କାର୍ଯ୍ୟକ୍ରମରେ କିଛି ବି ଡିଲିସନ୍ କିମ୍ବା ପରିବର୍ତ୍ତନ ନକରି ସେହିଭଳି ଚ୍ୟାନେଲ୍‌ରେ ପ୍ରସାରିତ କରିବେ।

### ୩.୫.୭: ଅପରାଧ ଏବଂ ଦଣ୍ଡ

*ଧାରା ୧୬: ଏହି ନିୟମର ପ୍ରାବଧାନରେ ଉଲ୍ଲଙ୍ଘନର ଦଣ୍ଡ*

୧) ଏହି ନିୟମର ପ୍ରାବଧାନରେ ଯିଏ ବି ଉଲ୍ଲଂଘନ କରିବେ, ସେ ଦଣ୍ଡିତ ହେବେ,-

(କ) ପ୍ରଥମ ଅପରାଧ ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟରେ ଦଣ୍ଡିତ କରାଯିବ।

(ଖ) ଏହା ପରର ପ୍ରତ୍ୟେକ ଅପରାଧ ପାଇଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟରେ ଦଣ୍ଡିତ କରାଯିବ।

*ଧାରା ୧୭: କମ୍ପାନୀମାନଙ୍କ ଦ୍ୱାରା ଅପରାଧ*

୧. ଏହି ନିୟମ ଅଧୀନରେ ଯେତେବେଳେ କମ୍ପାନୀ ଦ୍ୱାରା ଏକ ଅପରାଧ ସଂଘଟିତ ହୋଇଥାଏ, ପ୍ରତ୍ୟେକ ବ୍ୟକ୍ତି ଯିଏ ଅପରାଧ ସଂଘଟିତ ହେବା ସମୟରେ ଦାୟିତ୍ୱରେ ଥାଆନ୍ତି ଏବଂ ଯିଏ ଏଥିପାଇଁ ଦାୟୀ, ଯିଏ କମ୍ପାନୀର ବ୍ୟବସାୟକୁ ପରିଚାଳନା କରିଥାନ୍ତି, ତଥା କମ୍ପାନୀ ନିଜେ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବେ ଏବଂ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ ହେବ ଏବଂ ସେ ତଦନୁସାରେ ଦଣ୍ଡିତ ହେବେ।

*ଧାରା ୨୨: ନିୟମ ପ୍ରସ୍ତୁତ କରିବା ପାଇଁ କ୍ଷମତା*

୧. ବିଜ୍ଞପ୍ତି ଦ୍ୱାରା କିମ୍ବା ଅଫିସିଆଲ୍ ଗେଜେଟ୍ ମାଧ୍ୟମରେ, ସରକାର ନିୟମର ପ୍ରାବଧାନକୁ କାର୍ଯ୍ୟରେ ପରିଣତ କରିଥାନ୍ତି।

## ୩.୬: ଡିଜିଟାଇଜେସନ୍ ଆଣ୍ଡ କଣ୍ଡିସନାଲ୍ ଆକ୍ସେସ୍ ସିଷ୍ଟମ୍ (ସିଏଏସ୍)

ସିଏଏସ୍ କିମ୍ବା କଣ୍ଡିସନାଲ୍ ଆକ୍ସେସ୍ ସିଷ୍ଟମ୍ (ସିଏଏସ୍) ସେଟ୍-ଟପ୍ ବକ୍ସ (ଏସ୍‌ଟିବି) ମାଧ୍ୟମରେ ଟିଭି ଚ୍ୟାନେଲ୍‌କୁ ପ୍ରସାରିତ କରିବା ନିମନ୍ତେ ଏକ ଡିଜିଟାଲ୍ ମୋଡ୍ ହୋଇଥାଏ। ଟ୍ରାନ୍ସମିସନ୍ ସିଗନାଲ୍‌ଗୁଡ଼ିକ ସଂଗୁପ୍ତ (ଏନ୍‌କ୍ରିପ୍ଟ) ହୋଇଥାନ୍ତି ଏବଂ ଦର୍ଶକ ସିଗ୍‌ନାଲକୁ ଗ୍ରହଣ କରିବା ଏବଂ ସଂଗୁପ୍ତ କରିବା ନିମନ୍ତେ ଏକ ସେଟ୍ ଟପ୍ ବକ୍ସ ଆବଶ୍ୟକ କରିଥାନ୍ତି। କେବଳ ଦେୟ ଚ୍ୟାନେଲ୍‌କୁ ଦେଖିବା ପାଇଁ ସେଟ୍-ଟପ୍ ବକ୍ସ ଆବଶ୍ୟକ ହୋଇଥାଏ।

ସିଏଏସ୍‌କୁ ବିଚାରକୁ ନେଇ ୨୦୦୧ରେ ପ୍ରସଙ୍ଗ ଉଠା ଯାଇଥିଲା, ଚ୍ୟାନେଲ୍ ଏବଂ ପରେ କେବୁଲ୍ ଅପରେଟରମାନଙ୍କ ଦ୍ୱାରା ଦେୟ ବୃଦ୍ଧି କରାଯିବା ଯୋଗୁଁ ଉତ୍ତେଜନା ଘଟିଥିଲା। କିଛି ଚ୍ୟାନେଲ୍‌ର ଖରାପ ପ୍ରସାରଣ ବ୍ୟବସ୍ଥା; ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ ଏବଂ ଦର ବୃଦ୍ଧି, ଚ୍ୟାନେଲ୍‌ଗୁଡ଼ିକୁ ଏକତ୍ର କରିବା; କେବୁଲ୍ ଟେଲିଭିଜନ୍ ଅପରେଟରମାନଙ୍କ ଦ୍ୱାରା ଦୁର୍ବଳ ସେବା ପ୍ରଦାନ; ପ୍ରତ୍ୟେକ ଅଞ୍ଚଳରେ ଏକାଧିକାର; ନିୟାମକ ଢାଞ୍ଚାରେ ଅଭାବ ଏବଂ ନିବାରଣର ମାର୍ଗ ହେଉଛି କିଛି ପ୍ରସଙ୍ଗ ଯାହା ସିଏଏସ୍‌ର କାର୍ଯ୍ୟାନ୍ୱୟନ ଦ୍ୱାରା ସମାଧାନ କରାଗଲା।

ସରକାରଙ୍କ ଚାରୋଟି ମେଟ୍ରୋ ସହରରେ ସିଏଏସ୍ ବ୍ୟବସ୍ଥା ଆରମ୍ଭ କରିବେ ବୋଲି ନିଷ୍ପତ୍ତି ନେଲେ। ଏହା ୨୦୦୩ ସେପ୍ଟେମ୍ବରର ଚେନ୍ନାଇରେ ସ୍ଥାପିତ କରାଗଲା, ଯେଉଁଠାରୁ ଏହା ଏବେ ଅନ୍ୟ ତିନୋଟି ମେଟ୍ରୋ, ଦିଲ୍ଲୀ, ମୁମ୍ବାଇ ଏବଂ କୋଲକାତାରେ କାର୍ଯ୍ୟକ୍ଷମ ହୋଇଛି।



Set-top box (STB)

## ୩.୭: ପ୍ରସ୍ତାବିତ ଭାରତୀୟ ପ୍ରସାରଣ ନିୟାମକ ଅଧିକାରୀ ଅଧିନିୟମ

ଏହି ପ୍ରସ୍ତାବ କିମ୍ବା ବିଲ୍ ୨୦୦୬ର ଉଦ୍ଦେଶ୍ୟଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା-

୧. ବ୍ୟବସ୍ଥିତ ରୂପରେ ପ୍ରସାରଣର ବିଷୟବସ୍ତୁକୁ ବହନ କରି ଏହାକୁ ପ୍ରୋତ୍ସାହିତ କରିବା, ସୁବିଧା ପ୍ରଦାନ କରିବା ଏବଂ ବିକଶିତ କରିବା।

୨. ବିଭିନ୍ନ ପ୍ରକାରର ମନୋରଞ୍ଜନ, ଖବର, ମତାମତ ଏବଂ ସୂଚନାକୁ ସଠିକ୍ ରୂପେ ଉଦ୍ଦେଶ୍ୟମୂଳକ ଭାବେ ଏବଂ ପ୍ରତିଯୋଗୀ ମନୋଭାବ ନେଇ ପ୍ରଦାନ କରିବା ପାଇଁ ଏବଂ ଜନସାଧାରଣଙ୍କ ନିକଟରେ ପ୍ରଦର୍ଶନ ପାଇଁ ଏବଂ ତାହା ସହିତ ସମ୍ପର୍କିତ ବ୍ୟାପାର ଏବଂ ଘଟଣାକୁ ପାଇଁ ନିୟମର ବିଷୟବସ୍ତୁ ପ୍ରଦାନ କରିବା ପାଇଁ ଭାରତରେ ପ୍ରସାରଣ ସେବାର ନିୟମ ପ୍ରଦାନ କରିବା ପାଇଁ ଏହା କରା ଯାଇଥାଏ।

୩. ଭାରତରେ ପ୍ରସାରଣ ସେବାକୁ ନିୟମିତ ଏବଂ ସୁବିଧାର ବିକାଶ ଉଦ୍ଦେଶ୍ୟ ନେଇ ଏକ ସ୍ୱାଧୀନ ସଂସ୍ଥା, ବ୍ରଡ୍‌କାଷ୍ଟ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆର ଗଠନ କରାଗଲା।

୪. ବାୟୁ ତରଙ୍ଗ ହେଉଛି ସାଧାରଣ ସମ୍ପତ୍ତି । ଏହା ଅନୁଭୂତ ହେଲା ଯେ ସରକାରୀ ଏବଂ ସାଧାରଣ ସ୍ୱାର୍ଥ ନିମନ୍ତେ ଏହି ବାୟୁ ତରଙ୍ଗର ବ୍ୟବହାରକୁ ନିୟନ୍ତ୍ରିତ କରିବା ଆବଶ୍ୟକ, ବିଶେଷ ଭାବରେ ବିଷୟବସ୍ତୁର ଉଚିତ୍ ପ୍ରଚାର ଏବଂ ସମ୍ଭବତଃ ବ୍ୟାପକ ରୂପରେ ପ୍ରଚାରକୁ ସୁନିଶ୍ଚିତ କରିବା ଦରକାର।

୫. ସରକାର କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ କ୍ରମେ ପ୍ରସାରଣ ସେବାକୁ ନିୟମାନୁବର୍ତ୍ତୀ କରିବା ପାଇଁ ସମୟାନୁସାରେ ମାର୍ଗଦର୍ଶିକା ଲାଗୁ କରିଛନ୍ତି। ଏବଂ ଏହା ଅନୁଭୂତ ହୋଇଥିଲା ଯେ, ଏହି ମାର୍ଗଦର୍ଶିକାକୁ ପ୍ରତ୍ୟାବର୍ତ୍ତୀ ପ୍ରଭାବ ସହିତ ଏକ ବୈଧାନିକ ପ୍ରଭାବ ଦେବା ଆବଶ୍ୟକ।

## ୩.୮ : ପ୍ରସାରଣ ଏବଂ ବିଜ୍ଞାପନ କୋଡ୍

ଦେଶର ନିୟମ ଅନୁଯାୟୀ ବିଜ୍ଞାପନ ପ୍ରସ୍ତୁତ ହେବା ଉଚିତ୍ । ନୈତିକତା, ଶାଳୀନତା ଏବଂ ଲୋକମାନଙ୍କର ଧାର୍ମିକ ପରିସ୍ଥିତିର ଏହାର ବିରୋଧୀ ନହେବା ଉଚିତ୍।

କୌଣସି ବିଜ୍ଞାପନକୁ ଅନୁମତି ଦିଆଯିବା ଅନୁଚିତ୍ ଯାହା

୧. କୌଣସି ଜାତି, ରଙ୍ଗ, ଧର୍ମ ଏବଂ ଜାତୀୟତା ପ୍ରତି ବିପଦ

୨. କୌଣସି ନିର୍ଦ୍ଦେଶନାମା କିମ୍ବା ଭାରତୀୟ ସମ୍ବିଧାନର କୌଣସି ଅନ୍ୟ ପ୍ରାବଧାନ

୩. ଲୋକମାନଙ୍କୁ ଅପରାଧ କରିବାକୁ ଉସୁକାଇବା, ଅବ୍ୟବସ୍ଥା କିମ୍ବା ହିଂସାର କାରଣ କିମ୍ବା କାନୁନ୍‌ର ଉଲ୍ଲଘଂନ କିମ୍ବା କୌଣସି ଉପାୟରେ ହିଂସା କିମ୍ବା ଅଶ୍ଳୀଳତାକୁ ମହିମାନ୍ୱିତ କରିବା ପାଇଁ ଚେଷ୍ଟା କରିବା।

୪. ଅପରାଧକୁ ଉପଯୁକ୍ତ ବୋଲି ଉପସ୍ଥାପନା କରିବ।

୫. ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଥିବ।

୬. ରାଷ୍ଟ୍ରୀୟ ପ୍ରତୀକ (ବିସ୍ତୃତ ବିଚାର) କିମ୍ବା ସମ୍ବିଧାନର କୌଣସି ଅଂଶ କିମ୍ବା ବ୍ୟକ୍ତି କିମ୍ବା ଜାତୀୟ ନେତା କିମ୍ବା ରାଷ୍ଟ୍ରର ମର୍ଯ୍ୟାଦାର ଅନୁଚିତ୍ ଫାଇଦା ଉଠାଇବା।

୭. ସିଗାରେଟ୍ ଏବଂ ମାଦକ ଦ୍ରବ୍ୟ, ଯଥା ମଦ, ୱାଇନ୍ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ସମ୍ବନ୍ଧୀୟ ଜିନିଷକୁ ପ୍ରୋତ୍ସାହିତ କରିବା ।

୮. କୌଣସି ବିଜ୍ଞାପନ ବିଷୟବସ୍ତୁକୁ କୌଣସି ରୂପରେ ଖବର ଭଳି ଉପସ୍ଥାପିତ କରାଯିବ ନାହିଁ।

୯. ମୁଖ୍ୟତଃ କୌଣସି ଧର୍ମ କିମ୍ବା ରାଜନୀତି ସହିତ ଜଡିତ ବସ୍ତୁ ନେଇ କୌଣସି ବିଜ୍ଞାପନକୁ ଅନୁମତି ଦିଆଯିବ ନାହିଁ।

୧୦. ବିଜ୍ଞାପନ କୌଣସି ଧର୍ମ କିମ୍ବା ରାଜନୈତିକ ଅନ୍ତ କିମ୍ବା ଔଦ୍ୟୋଗିକ ବିବାଦକୁ ବିଜ୍ଞାପନ ମାଧ୍ୟମରେ ନିର୍ଦ୍ଦେଶିତ କରାଯିବା ଉଚିତ୍ ନୁହେଁ।

## ୩.୯ : ଆସ ପ୍ରଗତି ମାପିବା

କ) ପ୍ରସାରଣ ଅଧିନିୟମ କ'ଣ ?

------------------------------------------------------------

------------------------------------------------------------

-----------------------------------

ଖ) ପ୍ରସାର ଭାରତୀର ଦାୟିତ୍ୱ ସମ୍ପର୍କରେ ବର୍ଣ୍ଣନା କର ?

------------------------------------------------------------

------------------------------------------------------------

-----------------------------------

ଗ) ପ୍ରସାରଣରେ ବିଜ୍ଞାପନ କୋଡ୍ କାହିଁକି ଆବଶ୍ୟକ ହୋଇଥାଏ ?

------------------------------------------------------------

------------------------------------------------------------

-----------------------------------

# ୟୁନିଟ୍-୪: ସାମ୍ବାଦିକତାର ବୃତ୍ତି

## ୪.୦: ବିଷୟର ଗଠନ


୪.୧: ପଠନର ଉଦ୍ଦେଶ୍ୟ
୪.୨: ବିଷୟ ପରିଚୟ
୪.୩: ଏକ ସଙ୍ଗଠିତ/ ଅସଙ୍ଗଠିତ କ୍ଷେତ୍ର ଭାବରେ ସାମ୍ବାଦିକତା
୪.୪: କାର୍ଯ୍ୟରତ ସାମ୍ବାଦିକ ଅଧିନିୟମ, ୧୯୫୫
୪.୪.୧: କାର୍ଯ୍ୟ ନିର୍ଘଣ୍ଟ
୪.୪.୨: ଧାରା ୮: ପାରଶ୍ରମିକ ଦର ସ୍ଥିର କିମ୍ବା ପରିବର୍ତ୍ତନ
୪.୪.୩: ଧାରା ୮: ପାରିଶ୍ରମିକ ହାର ସ୍ଥିର କରିବା ଏବଂ ସଂଶୋଧନ କରିବାର ପଦ୍ଧତି
୪.୪.୪: ଧାରା ୧୦: ବୋର୍ଡ ସୁପାରିସ
୪.୪.୫: ଧାରା ୧୩ (କ କ) : କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କର ପାରିଶ୍ରମିକ ସ୍ଥିର କରିବା କିମ୍ବା ସଂଶୋଧନ କରିବା ନେଇ ଟ୍ରିବ୍ୟୁନାଲ୍ ଗଠନ
୪.୪.୬: ଧାରା ୧୩ (ଖ): ଖବରକାଗଜର ଅଣସାମ୍ବାଦିକ କର୍ମଚାରୀମାନଙ୍କର ପାରିଶ୍ରମିକ ସ୍ଥିର କିମ୍ବା ସଂଶୋଧନ
୪.୪.୭: ଧାରା ୧୩ (ଗ): ଖବରକାଗଜର ଅଣ-ସାମ୍ବାଦିକକର୍ମଚାରୀ ମାନଙ୍କର ପାରିଶ୍ରମିକ ସ୍ଥିର କିମ୍ବା ସଂଶୋଧନ ପାଇଁ ଓ୍ୱେଜ୍‌ବୋର୍ଡ ଗଠନ
୪.୪.୮: ବାକି ଟଙ୍କା ଅସୁଲ କରିବା
୪.୫: ଆସ ପ୍ରଗତି ମାପିବା


## ୪.୧: ପଠନର ଉଦ୍ଦେଶ୍ୟ

ପୂର୍ବ ୟୁନିଟ୍‌ରେ ଆମେ ପ୍ରସାର ଭାରତୀ ଅଧିନିୟମ ଏବଂ କେବୁଲ୍ ଟିଭି ନେଟ୍‌ୱର୍କ୍ ନିୟାମକ ଅଧିନିୟମ ଭଳି ବିଭିନ୍ନ ପ୍ରସାରଣ ସମ୍ବନ୍ଧୀୟ ନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ୟୁନିଟ୍‌ରେ ସାମ୍ବାଦିକତାକୁ ଏକ ବୃତ୍ତି ଭାବରେ ଆମେ ଗୁରୁତ୍ୱାରୋପ କରିବା। ଏହି ୟୁନିଟ୍ ଶେଷ ହେବା ପରେ ଆମେ ଜାଣି ପାରିବା

୧. ଏକ ବୃତ୍ତି ଭାବରେ ସାମ୍ବାଦିକତା
୨. ଏହା ଏକ ସଙ୍ଗଠିତ ବା ଅସଙ୍ଗଠିତ ବୃତ୍ତି
୩. ଓ୍ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ ଇତ୍ୟାଦି

## ୪.୨: ବିଷୟ ପରିଚୟ

ଆମେ ଆଲୋଚନା କରୁଛେ ଯେ ଆମ ସମ୍ବିଧାନ ଅନୁସାରେ ଜଣେ ସାମ୍ବାଦିକ କଦାପି କୌଣସି ସ୍ୱତନ୍ତ୍ର ଆରାମ କିମ୍ବା ଅଧିକାରକୁ ଉପଭୋଗ କରି ପାରିନଥାଏ। କିନ୍ତୁ ସମାଜ ପ୍ରତି ଜଣେ ସାମ୍ବାଦିକର ଯଥେଷ୍ଟ ଅଧିକ ଦାୟିତ୍ୱ ରହିଥାଏ। ଜଣେ ସାମ୍ବାଦିକ ୨୪ ଘଣ୍ଟା କାର୍ଯ୍ୟ କରିଥାନ୍ତି ଏବଂ ଲୋକମାନଙ୍କ ପାଇଁ ସୂଚନା ସଂଗ୍ରହ କରିଥାନ୍ତି। କିନ୍ତୁ ଏହା ବଦଳରେ ସେ ତାଙ୍କର କାମ ପାଇଁ ଅତି ସ୍ୱଳ୍ପ ପାରିଶ୍ରମିକ ପାଇଥାନ୍ତି।

ସମଗ୍ର ବିଶ୍ୱରେ ସାମ୍ବାଦିକମାନେ ସବୁଠାରୁ କମ୍ ପାରିଶ୍ରମିକ ପାଇଥାନ୍ତି। ଭାରତରେ ସେମାନଙ୍କର ଦରମା ମଧ୍ୟ କମ୍ ଏବଂ ଓଡ଼ିଶାରେ ସେମାନେ ସବୁଠାରୁ କମ୍ ଦରମା ପାଇଥାନ୍ତି। ଏଥିପାଇଁ ଭାରତରେ ଏକ ଅଧିନିୟମ ରହିଛି, ଯାହାକୁ ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ ୧୯୫୫ କୁହାଯାଏ, ଯେଉଁଥିରେ କାର୍ଯ୍ୟ କରିବାର ସମୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି- କାର୍ଯ୍ୟରତ ସାମ୍ବାଦିକଙ୍କ ପାରିଶ୍ରମିକ ସ୍ଥିର କରିବା ଏବଂ ସଂଶୋଧନ କରିବାର ପଦ୍ଧତି, ପାରିଶ୍ରମିକ ସ୍ଥିର କରିବା ଏବଂ ସଂଶୋଧନ କରିବା ପାଇଁ ଟ୍ରିବ୍ୟୁନାଲ୍ ଗଠନ ଇତ୍ୟାଦି। ଆମେ ଏସବୁ ସମ୍ପର୍କରେ ଏହି ୟୁନିଟ୍‌ରେ ଆଲୋଚନା କରିବା। ଆମେ ମଧ୍ୟ ସାମ୍ବାଦିକତା ବୃତ୍ତି, ଯାହା ଏକ ସଂଗଠିତ କିମ୍ବା ଅସଂଗଠିତ ବୃତ୍ତି, ତା' ଉପରେ ଗୁରୁତ୍ୱ ଦେବା।

## ୪.୩: ଏକ ସଙ୍ଗଠିତ/ ଅସଙ୍ଗଠିତ କ୍ଷେତ୍ର ଭାବରେ ସାମ୍ବାଦିକତା

ଭାରତୀୟ ଛାପା ଗଣମାଧ୍ୟମ ସଂଖ୍ୟା ଏବଂ ପ୍ରସାରଣ ଦୃଷ୍ଟିରୁ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ଉଦ୍ୟୋଗ ପ୍ରଯୁକ୍ତିଗତ ପରିବର୍ତ୍ତନ ଦେଇ ଗତି କରୁଛି, ଯାହା ଆକର୍ଷଣୀୟ ଖବରକାଗଜ ଏବଂ ପାକ୍ଷିକ/ପତ୍ରପତ୍ରିକା ତିଆରି କରିଛି। ବିଜ୍ଞାପନ ଏବଂ ଫଟୋଗୁଡ଼ିକରେ ରଙ୍ଗ ଦୃଶ୍ୟମାନ ହୋଇଛି। ବର୍ତ୍ତମାନ ପ୍ରତ୍ୟେକ ଦୈନିକ ଖବରକାଗଜର ସମ୍ପାଦକୀୟ ଏବଂ ଛାପା ବିଭାଗ କମ୍ପ୍ୟୁଟରୀକରଣ ହୋଇଛି।
ସ୍ୟାଟେଲାଇଟ୍ ଟେଲିଭିଜନ୍ ଚ୍ୟାନେଲ୍‌ର ଆଗମନ ପରେ ଛାପା ଗଣମାଧ୍ୟମ ପାଇଁ ତିଷ୍ଠି ରହିବା ଏକ ବଡ଼ ସମସ୍ୟା ହୋଇଛି ଏବଂ ଏବେ ଏହା ଉପରେ ବିତର୍କ ଚାଲିଛି ଯେ ଶେଷରେ କିଏ ବିଜୟୀ ହେବ।
ଇଣ୍ଟରନେଟ୍ ଆସିବା ପରେ ଏହାର ଦ୍ରୁତଗତି ପାଇଁ ସମଗ୍ର ବିଶ୍ୱରେ ପରିବର୍ତ୍ତନ ଦେଖାଦେଇଛି ଏବଂ ଆଜି ପ୍ରତ୍ୟେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡିଆ) ସୃଷ୍ଟି କରି ପାରିଛନ୍ତି। କିନ୍ତୁ ଭାରତରେ ସାମ୍ବାଦିକତା ଏକ ସଙ୍ଗଠିତ ବା ଅସଂଗଠିତ କ୍ଷେତ୍ର, ତାକୁ ନେଇ ସବୁବେଳେ ପ୍ରଶ୍ନଟିଏ ରହି ଆସିଛି।

## ୪.୪: ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ, ୧୯୫୫

ଏହି ଅଧିନିୟମର ଉଦ୍ଦେଶ୍ୟ ଖବରକାଗଜ ଉଦ୍ୟୋଗରେ ନିଯୁକ୍ତିପ୍ରାପ୍ତ କାର୍ଯ୍ୟରତ ସାମ୍ବାଦିକ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର କିଛି ସେବାର କଣ୍ଡିସନ୍‌କୁ (ଅବସ୍ଥା) ନିୟନ୍ତ୍ରିତ କରିବା।
ୱାର୍କିଂ ଜର୍ଣ୍ଣାଲିଷ୍ଟ ଆଣ୍ଡ ଅଦର୍ ନ୍ୟୁଜ୍‌ପେପର ଏମ୍ପ୍ଲୟିଜ୍ (କଣ୍ଡିସନସ୍ ଅଫ୍ ସର୍ଭିସ) ଆଣ୍ଡ ମିସ୍‌ସେଲାନିୟସ୍ ପ୍ରୋଭିଜନ୍ ଆକ୍ଟ, ୧୯୫୫ ଏକ ହିତକାରୀ ପଦକ୍ଷେପ। ଖବରକାଗଜ ଉଦ୍ୟୋଗରେ ନିଯୁକ୍ତିପ୍ରାପ୍ତ କର୍ମଚାରୀମାନଙ୍କ ଅବସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ଏହି ପ୍ରାବଧାନ ମୁଖ୍ୟତଃ ନିମ୍ନୋକ୍ତ ପ୍ରସଙ୍ଗ ସହିତ ଜଡ଼ିତ;
(କ) କେତେକ ନିଲମ୍ବନ ମାମଲା ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରାବଧାନ
(ଖ) ଗ୍ରାଚ୍ୟୁଇଟି ଦେୟ ପ୍ରଦାନ
(ଗ) ସମୟ ନିର୍ଘଣ୍ଟ
(ଘ) ଛୁଟି
(ଙ) ପରିବର୍ତ୍ତିତ ପାରିଶ୍ରମିକ ହାର ସ୍ଥିର କରିବା

(ଚ) ପାରିଶ୍ରମିକ ସ୍ଥିର କରୁଥିବା ସଙ୍ଗଠନର ଅନୁମୋଦନକୁ କାର୍ଯ୍ୟକାରୀ କରିବା; ୱେଜ୍ ବୋର୍ଡ ଏବଂ ୱେଜ୍ ଟ୍ରିବ୍ୟୁନାଲ୍

(ଛ) କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ପ୍ରୋଭିଡେଣ୍ଟ ଫଣ୍ଡ)

(ଜ) ନିଯୁକ୍ତିଦାତାଙ୍କଠାରୁ ବାକି ଟଙ୍କା ଅସୁଲ କରିବା

**୪.୪.୧: କାର୍ଯ୍ୟ ନିଘଣ୍ଟ**

ଏହି ନିୟମର ଧାରା ୬ କାର୍ଯ୍ୟ କରିବାର ସମୟ ସ୍ଥିର କରିଥାଏ। ଏହି ଧାରା ଅଧୀନରେ କୌଣସି କାର୍ଯ୍ୟରତ ସାମ୍ବାଦିକ କ୍ରମାଗତ ଚାରି ସପ୍ତାହ ମଧ୍ୟରେ ୧୪୪ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କୌଣସି ଖବରକାଗଜ ଉଦ୍ୟୋଗରେ କାର୍ଯ୍ୟ କରିବାର ଆବଶ୍ୟକତା ନାହିଁ କିମ୍ବା ଏଥିପାଇଁ ଅନୁମତି ଦିଆଯାଇନାହିଁ। ଏହା ଖାଦ୍ୟ ଗ୍ରହଣ କରିବାର ସମୟ ନିମନ୍ତେ ସ୍ୱତନ୍ତ୍ର ହୋଇଥାଏ। ତଥାପି, ଧାରା ୬(୧)ର ଏହି ପ୍ରାବଧାନ, ଏହି ଧାରା ଅଧୀନରେ ସରକାରଙ୍କ ଦ୍ୱାରା କରାଯାଇଥିବା କୌଣସି ବି ନିୟମର ଅଧୀନ ହୋଇପାରେ। ପ୍ରତ୍ୟେକ କାର୍ଯ୍ୟରତ ସାମ୍ବାଦିକ ୪୪ ଘଣ୍ଟାରୁ ଅଧିକ ସମୟ କ୍ରମାଗତ ଭାବେ କାର୍ଯ୍ୟ କରିବା ପରେ ୭ ଦିନର କ୍ରମାଗତ ବିଶ୍ରାମ ନେଇ ପାରିବେ। ସକାଳ ୧୦ ଏବଂ ସନ୍ଧ୍ୟା ୬ର ସମୟର ଅବଧି ସେଥିରେ ଅନ୍ତର୍ଭୁକ୍ତ ରହିବ।

**୪.୪.୨: ଧାରା ୮: ପାରିଶ୍ରମିକର ହାର ସ୍ଥିର କରିବା କିମ୍ବା ସଂଶୋଧନ କରିବା**

୧. କେନ୍ଦ୍ର ସରକାର, ପରେ ଏହି ଉପାୟରେ ପ୍ରଦାନ କରି ପାରନ୍ତି

(କ) କାର୍ଯ୍ୟରତ ସାମ୍ବାଦିକଙ୍କ ସମ୍ବନ୍ଧରେ ପାରିଶ୍ରମିକର ହାର ସ୍ଥିର କରିବା

(ଖ) ସମୟ ଅନୁସାରେ ସଂଶୋଧନ, ସମୟାନ୍ତରରେ, ଯାହା ସୁହାଇ ଥାଏ, ପାରିଶ୍ରମିକର ହାର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ (ସ୍ଥିର ହାର ଏବଂ ପାରିଶ୍ରମିକ, ୧୯୫୮ର ଧାରା ୬ ଅଧୀନରେ ପାରିଶ୍ରମିକର ହାର ସ୍ଥିର ହୋଇଥାଏ।

୨. କାର୍ଯ୍ୟରତ ସାମ୍ବାଦିକମାନଙ୍କର ଟାଇମ୍ ୱାର୍କ ଏବଂ ପିସ୍ ୱାର୍କ ଅନୁସାରେ କେନ୍ଦ୍ର ସରାକରଙ୍କ ଦ୍ୱାରା ପାରିଶ୍ରମିକର ହାର ଏବଂ ସଂଶୋଧିତ ପାରିଶ୍ରମିକ ହାର ଲାଗୁ କରାଯାଇପାରେ ।

**୪.୪.୩: ଧାରା ୯: ପାରିଶ୍ରମିକ ଏବଂ ସଂଶୋଧିତ ହାର ସ୍ଥିର କରିବାର ପଦ୍ଧତି**

ଏହି ଅଧିନିୟମ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ପାରିଶ୍ରମିକ ସ୍ଥିର କରିବା କିମ୍ବା ସଂଶୋଧନ କରିବା ଉଦ୍ଦେଶ୍ୟ ପାଇଁ, କେନ୍ଦ୍ର ସରକାର ଏକ ୱେଜ୍ ବୋର୍ଡ ଗଠନ କରିବେ ଯାହା ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ହୋଇଥାଏ-

(କ) ଖବରକାଗଜ ଉଦ୍ୟୋଗ ସମ୍ପର୍କିତ ଦୁଇ ଜଣ ବ୍ୟକ୍ତି ଯେଉଁମାନେ ନିଯୁକ୍ତିଦାତାଙ୍କର ପ୍ରତିନିଧିତ୍ୱ କରିଥାନ୍ତି।

(ଖ) କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଦୁଇଜଣ ବ୍ୟକ୍ତି।

(ଗ) ତିନି ଜଣ ସ୍ୱାଧୀନ ବ୍ୟକ୍ତି, ସେମାନଙ୍କ ମଧ୍ୟରୁ ଜଣେ ଯିଏ କି ଉଚ୍ଚ ନ୍ୟାୟଳୟ କିମ୍ବା ସର୍ବୋଚ୍ଚ ନ୍ୟାୟଳୟର ନ୍ୟାୟାଧୀଶ ହୋଇଥିବେ ଏବଂ ସେ ସରକାରଙ୍କ ଦ୍ୱାରା ଏହାର ଅଧକ୍ଷ ଭାବେ ନିଯୁକ୍ତି ହେବେ।

### ୪.୪.୪: ଧାରା୧୦: ବୋର୍ଡ ଦ୍ୱାରା ଅନୁମୋଦନ

(୧) ବୋର୍ଡ ବିଜ୍ଞାପନ ପ୍ରକାଶିତ କରି, ଯାହା ଉଚିତ୍ ମନେହେବ, ସେହି ପଦ୍ଧତିରେ ଖବରକାଗଜ ଉଦ୍ୟୋଗ ଏବଂ କାର୍ଯ୍ୟରତ ସାମ୍ବାଦିକ ଏବଂ ଅନ୍ୟ ବ୍ୟକ୍ତି ଯେଉଁମାନେ କାର୍ଯ୍ୟରତ ସାମ୍ବାଦିକ ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ପାରିଶ୍ରମିକ ସ୍ଥିର ଏବଂ ସଂଶୋଧନ କରିବା ପାଇଁ ଆଗ୍ରହୀ ଥାଆନ୍ତି ସେମାନଙ୍କୁ ସୂଚିତ କରିଥାଏ, ଯାହା ଏହି ଅଧିନିୟମ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ପାରିଶ୍ରମିକ ସ୍ଥିର ଏବଂ ସଂଶୋଧନ କରିବା କ୍ଷେତ୍ରରେ ପ୍ରତିନିଧିତ୍ୱ କରିବ।

(୨) ଏଭଳି ପ୍ରତ୍ୟେକ ପ୍ରତିନିଧିତ୍ୱ ଲେଖା ମାଧ୍ୟମରେ ହେବ ଏବଂ ଏଭଳି ସମୟ ଅବଧି ମଧ୍ୟରେ ହେବ, ଯାହାକୁ ବୋର୍ଡ ବିଜ୍ଞପ୍ତିରେ ଉଲ୍ଲେଖ କରିଥିବ ଏବଂ ପ୍ରତିନିଧିତ୍ୱ କରୁଥିବା ଲୋକମାନଙ୍କର ମତାମତ ଉପରେ, ଯାହା ଉପଯୁକ୍ତ ହେବ, ନିଯୁକ୍ତିଦାତାଙ୍କର ଦେୟ କ୍ଷମତା ଅନୁସାରେ ସମାନ ପାରିଶ୍ରମିକ ଦେଇ କିମ୍ବା ଅନ୍ୟ କୌଣସି ପରିସ୍ଥିତିରେ, ଯାହା ସେମାନଙ୍କର ପ୍ରତିନିଧିତ୍ୱ ସମ୍ପର୍କିତ ହୋଇଥାଏ ଏବଂ ଯୁକ୍ତିଯୁକ୍ତ ହୋଇଥାଏ, ତାହାକୁ  ନେଇ ପାରିଶ୍ରମିକର ହାର ସ୍ଥିର କରାଯାଇଥାଏ।

(୩) ବୋର୍ଡ ଉପରୋକ୍ତ ପ୍ରତିନିଧିତ୍ୱକୁ ଧ୍ୟାନରେ ରଖିବ, ଯଦି କୌଣସି, ଏହିଭଳି ଅନୁମୋଦନ କରିବା ପୂର୍ବରୁ ଯେ ଏଠାରେ ଯେଉଁ ତଥ୍ୟ ଦାଖଲ କରାଯାଇଥିବ, ତାହାର ତଦାରଖ କରି, ଯଦି ଏହା କାର୍ଯ୍ୟରତ ସାମ୍ବାଦିକମାନଙ୍କର ପାରିଶ୍ରମିକ ସ୍ଥିର କରିବା କିମ୍ବା ପାରିଶ୍ରମିକର ହାର ସଂଶୋଧନ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିମନ୍ତେ ଉପଯୁକ୍ତ ହେବ, ଏବଂ ଯଦି ଏହିଭଳି ଅନୁମୋଦନକୁ ନିର୍ଦ୍ଦିଷ୍ଟ କରାଯାଇଥିବ ସେହି ସମ୍ଭାବିତ ରୂପରେ ପାରିଶ୍ରମିକର ଦର ପ୍ରଭାବଶାଳୀ ହେବା ଆବଶ୍ୟକ।

(୪) କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ଅନୁମୋଦନ କରିବା ବେଳେ ଜୀବନଯାପନ ପାଇଁ ଆବଶ୍ୟକ ଅର୍ଥ, ତୁଳନୀୟ ନିଯୁକ୍ତି ନିମନ୍ତେ ପ୍ରଚଳିତ ପାରିଶ୍ରମିକ, ଦେଶର ବିଭିନ୍ନ ଅଞ୍ଚଳରେ ଖବରକାଗଜ ଉଦ୍ୟୋଗ ସହିତ ସମ୍ପର୍କିତ ପରିସ୍ଥିତି ଏବଂ ଯଦି ବୋର୍ଡ କୌଣସି ଅନ୍ୟ ପରିସ୍ଥିତିକୁ  ଉପଯୁକ୍ତ ବୋଲି ମନେ କରି ପାରନ୍ତି, ତେବେ ବୋର୍ଡ ଏହିସବୁ ପ୍ରସଙ୍ଗ ଉପରେ ଚିନ୍ତା କରନ୍ତି।

### ୪.୪.୫: ଧାରା ୧୩ (କ କ)

***କାର୍ଯ୍ୟରତ ସାମ୍ବାଦିକମାନଙ୍କର ପାରିଶ୍ରମିକ କିମ୍ବା ସଂଶୋଧନ ହାର ସ୍ଥିର କରିବା ପାଇଁ ଟ୍ରିବ୍ୟୁନାଲ ଗଠନ***

ଏହା ବର୍ଣ୍ଣନା କରିଥାଏ ଯେ, ଯଦି କେନ୍ଦ୍ର ସରକାର ଧାରା ୯ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ପାରିଶ୍ରମିକ ହାର ସ୍ଥିର କରିବା କିମ୍ବା ସଂଶୋଧନ କରିବା ଉଦ୍ଦେଶ୍ୟରେ ବୋର୍ଡ ଗଠିତ ହୋଇଥାଏ, କିନ୍ତୁ ପ୍ରଭାବଶାଳୀ ରୂପରେ କାର୍ଯ୍ୟ କରି ନଥାଏ ଏବଂ ପରିସ୍ଥିତି ଅନୁସାରେ ଯଦି ଏହା କରିବା ଆବଶ୍ୟକ, ତେବେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ଅନୁସାରେ ଏହି ନିୟମ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାରିଶ୍ରମିକ ସ୍ଥିର କିମ୍ବା ସଂଶୋଧନ ପାଇଁ ଏକ ଟ୍ରିବ୍ୟୁନାଲ ଗଠନ କରାଯାଇଥାଏ, ଯାହା ଜଣେ ବ୍ୟକ୍ତି, ଯିଏକି ଜଣେ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହୋଇଥାନ୍ତି, ତାହାଙ୍କୁ ନେଇ ଗଠିତ ହୋଇଥାଏ।

### ୪.୪.୬: ଧାରା ୧୩(ଖ)

***ଖବରକାଗଜର ଅଣ-ସାମ୍ବାଦିକ କର୍ମଚାରୀମାନଙ୍କର ପାରିଶ୍ରମିକ ହାର ସ୍ଥିର କରିବା କିମ୍ବା ସଂଶୋଧନ କରିବା।***

କେନ୍ଦ୍ର ସରକାର ପରେ ଖବରକାଗଜର ଅଣ-ସାମ୍ବାଦିକ କର୍ମଚାରୀମାନଙ୍କ ନିମନ୍ତେ ସ୍ଥିର ପାରିଶ୍ରମିକ ହାର ପ୍ରଦାନ କରିଥିଲେ ଏବଂ ଏହା ସମୟ ଅନୁସାରେ ନିୟମିତ ଅନ୍ତରାଳରେ, ଯାହା ସୁହାଇବ ବୋଲି ଚିନ୍ତା କରାଯାଇଛି, ସେହି ଅନୁସାରେ ଏହି ଧାରା ଅଧୀନରେ ପାରିଶ୍ରମିକର ହାର ସ୍ଥିର କରାଯାଇଛି।

କାର୍ଯ୍ୟ ନିର୍ଘଣ୍ଟ ଏବଂ କାର୍ଯ୍ୟର ଆକାର ହିସାବରେ କେନ୍ଦ୍ର ସରକାର ଖବରକାଗଜର ଅଣ-ସାମ୍ବାଦିକ କର୍ମଚାରୀମାନଙ୍କ ପାରିଶ୍ରମିକ ହାର ସ୍ଥିର କରିଛନ୍ତି କିମ୍ବା ସଂଶୋଧନ କରିଛନ୍ତି।

### ୪.୪.୭: ଧାରା ୧୩(ଗ)

***ଖବରକାଗଜ ଅଣ-ସାମ୍ବାଦିକ କର୍ମଚାରୀଙ୍କ ପାରିଶ୍ରମିକର ହାର ସଂଶୋଧନ ପାଇଁ ୱେଜ୍ ବୋର୍ଡ***

ଏହି ଅଧିନିୟମ ଅଧୀନରେ ଖବରକାଗଜର ଅଣ-ସାମ୍ବାଦିକ କର୍ମଚାରୀମାନଙ୍କ ସମ୍ବନ୍ଧୀୟ ପାରିଶ୍ରମିକ ହାର ସ୍ଥିର କରିବା କିମ୍ବା ସଂଶୋଧନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର, ଯେତେବେଳେ ଆବଶ୍ୟକ, ୱେଜ୍ ବୋର୍ଡ ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ନେଇ ଗଠନ କରିବେ-

(କ) ଖବରକାଗଜ ଉଦ୍ୟୋଗ ସମ୍ପର୍କିତ ଦୁଇ ଜଣ ବ୍ୟକ୍ତି ଯିଏ ନିଯୁକ୍ତିଦାତାଙ୍କୁ ପ୍ରତିନିଧିତ୍ୱ କରୁଥିବେ

(ଖ) ଅଣ-ସାମ୍ବାଦିକ ଖବରକାଗଜ କର୍ମଚାରୀଙ୍କୁ ପ୍ରତିନିଧିତ୍ୱ କରୁଥିବା ଦୁଇ ଜଣ ବ୍ୟକ୍ତି, ଏବଂ

(ଗ) ତିନି ଜଣ ସ୍ୱାଧୀନ ବ୍ୟକ୍ତି, ଯେଉଁମାନଙ୍କ ମଧ୍ୟରୁ ଜଣେ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହୋଇଥିବେ ଏବଂ ଯିଏ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବେ।

### ୪.୪.୮: ଟଙ୍କା ଅସୁଲ କରିବା

ଧାରା ୧୭ ଖବରକାଗଜ ନିଯୁକ୍ତିଦାତାଙ୍କଠାରୁ ଟଙ୍କା ଅସୁଲ କରିବାର ସୁଯୋଗ ପ୍ରଦାନ କରେ। ଯଦି ଖବରକାଗଜ ନିଯୁକ୍ତିଦାତାଙ୍କ ଉପରେ କୌଣସି ଅର୍ଥ ବାକି ରହିଥାଏ, ତେବେ କର୍ମଚାରୀ ଏହି ବାକିଆ ଅର୍ଥ ପାଇବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦରଖାସ୍ତ ମାଧ୍ୟମରେ ଆବେଦନ କରି ପାରିବେ। କର୍ମଚାରୀ ନିଜେ କିମ୍ବା କର୍ମଚାରୀଙ୍କ ମୃତ୍ୟୁ ହୋଇ ଯାଇଥିଲେ, ତାଙ୍କ ନିମନ୍ତେ ଆବେଦନ ପତ୍ର ଲେଖିବା ପାଇଁ ଯେଉଁ ବ୍ୟକ୍ତି ଅଧିକାରପ୍ରାପ୍ତ ହୋଇଥାନ୍ତି, ତାଙ୍କ ପରିବାରର ଯେ କୌଣସି ସଦସ୍ୟ ଏକ ଦରଖାସ୍ତ ମାଧ୍ୟମରେ ଆବେଦନ କରି ପାରିବେ। ଏହି ଧାରାର ପ୍ରାବଧାନ ହେଉଛି, କୌଣସି ପ୍ରତିକୂଳ ପରିସ୍ଥିତି ବିନା ଅର୍ଥ ଅସୁଲ କରିବାର ଅନ୍ୟ ଉପାୟ। ଯଦି ରାଜ୍ୟ ସରକାର କିମ୍ବା ସେହିଭଳି ଅଧିକାରୀ ଯଦି କୌଣସି ଅର୍ଥରାଶି ବାକି ଅଛି ବୋଲି ଜାଣି ସନ୍ତୁଷ୍ଟ ହୁଅନ୍ତି, ତେବେ ଜିଲ୍ଲାପାଳଙ୍କ ନିକଟକୁ ଏକ ପ୍ରମାଣପତ୍ର ପଠେଇବେ। ଭୂ-ରାଜସ୍ୱର ବାକି ଅର୍ଥ ଅସୁଲ କରିବା ଭଳି ସମାନ ଭାବରେ ଅର୍ଥରାଶି ଅସୁଲ କରିବା ପାଇଁ ଆଗାମୀ ପଦକ୍ଷେପ ନେବେ ।

## ୪.୯: ଆସ ପ୍ରଗତି ମାପିବା

କ) ୱାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ ଅଧୀନରେ ରହିଥିବା ପ୍ରାବଧାନ କ'ଣ ?

---------------------------------------------------------------

---------------------------------------------------------------

---------------------------------

## ଅଧିକ ଜାଣିବା ପାଇଁ


- C. S. Rayudu, S.B. Nageswar Rao, "Mass Media Laws and Regulations" Himalaya Publishing House, 1995
- M. Neelamlar, "Media Law and Ethics" PHI Learning Private Limited, 2010
- Banerjee, S.B. Management Principles and Practice.
- Williams, Herbert Lee. Newspaper Organisation and Management.
- Backerman, Czach. Managing Electronic Media.
- Kumar, Nataraj. Communication & Management Rayndu, C.R. Media and Communication Management.
- Venkateswaran, K.S. Mass Media Laws and Regulations In India. Singapore: Asian Mass Communication Research and Information Centre, 1993.
- Shrivastava, K.M. Media Ethics: Veda to Gandhi and Beyond. New Delhi: Publications Division, 2005.
- Jacquette, Dale. Journalistic & Ethics: Moral Responsibility in the Media. New Delhi: Dorling Kindersley (India) Pvt. Ltd., 2007
- Basu, D.D. (2004).Introduction to the Constitution of India. Prentice-Hall of India.
- Guha Thakurta, Paranjoy (2011). Media Ethics: Truth, Fairness and Objectivity, 2nd Second, New Delhi: OUP.
- Manna, B. (2006). Mass Media and Related Laws in India, Academic Publishers.
- Singh, P.P. et. al. (1998). Media, Ethics and Laws, Anmol.
- Prabhakar, M. et. al. (1999). A Compendium of Codes of Conduct for Media Professional, University Book House.
- Fackler, Mark et. al. (1995). Media Ethics -Cases and Moral Reasoning, Longman.


## ପ୍ରଗତି ମାପିବା ପାଇଁ ଉତ୍ତର ସମୂହ

- **ପ୍ରଥମ ପ୍ରଶ୍ନର ଉତ୍ତର:** ସମ୍ବିଧାନ ଅନୁଚ୍ଛେଦ ୧୯ (୧) ଅନୁସାରେ ଭାରତର ସମସ୍ତ ନାଗରିକ ପାଇଁ ଛଅଟି ମୌଳିକ ଅଧିକାରର ଗ୍ୟାରେଣ୍ଟି ଦେଇଥାଏ। (କ) ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା (ଖ) ଅସ୍ତ୍ରଶସ୍ତ୍ର ବିନା ଏବଂ ଶାନ୍ତିରେ ସହାବସ୍ଥାନ (ଗ) ସଙ୍ଗଠନ ଏବଂ ସଂଘଠାରୁ (ଘ) ଭାରତର ସୀମା ଭିତରେ ମୁକ୍ତ ଭାବେ ବିଚରଣ କରିବା (ଙ) ଭାରତର ଯେ କୌଣସି ଅଞ୍ଚଳରେ ରହିବା ଏବଂ ସ୍ଥାୟୀ ବସବାସ କରିବା ଏବଂ (ଚ) ଯେ କୌଣସି ବୃତ୍ତିର ଅଭ୍ୟାସ କରିବା, କିମ୍ବା ବୃତ୍ତି, ବାଣିଜ୍ୟ କିମ୍ବା ବ୍ୟବସାୟ କରିବା।

- **ଦ୍ୱିତୀୟ ପ୍ରଶ୍ନର ଉତ୍ତର :** ଯେ କୌଣସି ନାଗରିକ କିମ୍ବା ବ୍ୟକ୍ତି କୌଣସି ଭୁଲ୍ ନକାରାତ୍ମକ ବିବୃତ୍ତି କିମ୍ବା କୌଣସି ପ୍ରକାଶନ, ଯାହା ଛାପା ଦ୍ୱାରା କିମ୍ବା ଲିଖନ ଦ୍ୱାରା ବ୍ୟକ୍ତ ହୋଇଥାଏ, କିମ୍ବା କୌଣସି ଚିହ୍ନ, ରେଖାଚିତ୍ର, ବ୍ୟଙ୍ଗଚିତ୍ର କିମ୍ବା ଚିତ୍ର ଯାହା କୌଣସି ଜୀବିତ ବ୍ୟକ୍ତିର ସମ୍ମାନ ନଷ୍ଟ କରିବାର ପ୍ରବୃତ୍ତି ରଖିଥାଏ, ଯାହା ତାଙ୍କୁ ସର୍ବସାଧାରଣରେ ଘୃଣାର ଶିକାର, ପ୍ରକାଶ୍ୟରେ ବଦନାମ କିମ୍ବା ଉପହାସିତ କରିଥାଏ, ସେହି ବ୍ୟକ୍ତି ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୪୯୯ ଅନୁସାରେ ସମ୍ମାନ, ମର୍ଯ୍ୟାଦା ହାନି ଏବଂ ସମ୍ପତ୍ତିର କ୍ଷତି ଏବଂ ଏଥିରେ କ୍ଷତି ହୋଇଛି ବୋଲି ଏକ ମାନହାନି ମୋକଦ୍ଦମା ଦାଏର କରି ପାରିବେ ।
- **ତୃତୀୟ ପ୍ରଶ୍ନର ଉତ୍ତର:** ଯେତେବେଳେ କୌଣସି ଖବରକାଗଜ କିମ୍ବା ପ୍ରକାଶନ ସଂସ୍ଥା ଏମିତି କିଛି ମାମଲା ଆଣେ କିମ୍ବା ଏମିତି କାର୍ଯ୍ୟ କରେ ଯାହା କୋର୍ଟ ନ୍ୟାୟାଳୟର ଅଧିକାରୀଙ୍କୁ କୌଣସି ଘୋଟାଲା, ପକ୍ଷପାତରେ ଅନ୍ତର୍ଭୁକ୍ତ କରାଏ କିମ୍ବା ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିଥାଏ କିମ୍ବା ତାଙ୍କୁ ନୀଚ ସ୍ତରରେ ଅବସ୍ଥାପିତ କରି ଉପସ୍ଥାପନ କରେ, ଯାହା ନ୍ୟାୟାଧୀଶଙ୍କର ମର୍ଯ୍ୟାଦା, ଦକ୍ଷତା, ନିଷ୍ପକ୍ଷତା ଉପରେ ଲୋକମାନଙ୍କ କୋର୍ଟର ନ୍ୟାୟ ବ୍ୟବସ୍ଥାକୁ ନେଇ ଭୟ ସୃଷ୍ଟି କରିଥାଏ, ତାହାକୁ ଫୌଜଦାରୀ ଅବମାନନା ବୋଲି ଧରି ନିଆଯାଏ ।
- **ଚତୁର୍ଥ ପ୍ରଶ୍ନର ଉତ୍ତର:** ଭାରତୀୟ ପିଙ୍ଗଳ କୋଡ୍, ୧୮୨୦ ଅନୁସାରେ ଯେତେବେଳେ ଜଣେ ବ୍ୟକ୍ତି କୌଣସି ଅପରାଧ କରେ, ଯାହା ପାଇଁ ପୁଲିସ୍ ଅଧିକାରୀ ବିନା କୌଣସି ୱାରେଣ୍ଟରେ ଜଣେ ଦୋଷୀକୁ ଗିରଫ କରନ୍ତି ଏବଂ ନ୍ୟାୟାଳୟଙ୍କର ଅନୁମତି ନେଇ କିମ୍ବା ବିନାନୁମତିରେ ଅନୁସନ୍ଧାନ ଆରମ୍ଭ କରି ଦିଅନ୍ତି, ତାହାକୁ ଦଣ୍ଡନୀୟ ଅପରାଧ ବୋଲି କୁହାଯାଏ ।
- **ପଞ୍ଚମ ପ୍ରଶ୍ନର ଉତ୍ତର:** ବିଭିନ୍ନ ପ୍ରକାରର ବୌଦ୍ଧିକ ସମ୍ପତ୍ତିର ଅଧିକାର ହେଉଛି ପ୍ୟାଟେଣ୍ଟ, ଟ୍ରେଡମାର୍କ, ସର୍ଭିସ ମାର୍କ, ଇଣ୍ଡଷ୍ଟ୍ରିଆଲ୍ ମାର୍କ, କପିରାଇଟ୍ (ପ୍ରକାଶନାଧିକାର), ଭୌଗୋଳିକ ସଙ୍କେତ ଏବଂ ନୂତନ ଉଦ୍ଭିଦ କିସମ ଇତ୍ୟାଦି ।
- **ଷଷ୍ଠ ପ୍ରଶ୍ନର ଉତ୍ତର:** ପ୍ରେସ ଆଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ବୁକ୍ସ ଆକ୍ଟ, ୧୮୬୭ (ପ୍ରେସ୍ ଏବଂ ପୁସ୍ତକ ପଞ୍ଜୀକରଣ ଅଧିନିୟମ) ହେଉଛି ପ୍ରେସ୍ ଅଧିନିୟମ ଭିତରେ ସର୍ବପୁରାତନ ନିୟମ । ଯଦିଓ ପ୍ରତ୍ୟେକ ଛାପାକଳ (ପ୍ରିଣ୍ଟି ପ୍ରେସ୍) ଏବଂ ଏକ ଖବରକାଗଜ ଏହି ନିୟମ ଅଧୀନରେ ବହି ଏବଂ ଖବରକାଗଜ ପ୍ରକାଶନ କରିବା ପାଇଁ ଏକ ଲାଇସେନ୍ସ କିମ୍ବା ଅନୁମତି ଆବଶ୍ୟକ କରିଥାନ୍ତି ।
- **ସପ୍ତମ ପ୍ରଶ୍ନର ଉତ୍ତର:** ଅଡିଓ ଏବଂ ଭିଡିଓ ମାଧମରେ ସୂଚନା ଉପଯୁକ୍ତ ଭାବେ ପ୍ରସାରିତ ହେବା ପାଇଁ ପ୍ରସାରଣ (ବ୍ରଡକାଷ୍ଟିଂ) ନିୟମ ପ୍ରସ୍ତୁତ କରାଯାଇଛି । ବ୍ରଡକାଷ୍ଟିଂ- ଉଭୟ ରେଡିଓ ଏବଂ ଟେଲିଭିଜନ୍‌କୁ ନେଇ ଗଠିତ ଯାହା ଗଣମାଧମର ଏକ ବୃହତ୍ ଭାଗକୁ ନେଇ ଗଠିତ । ଅଧିକ ଗୋଷ୍ଠୀର ଲୋକମାନଙ୍କୁ ମନୋରଞ୍ଜନ ମୋଡ୍‌ରେ ସୂଚନା ଦେବା ପାଇଁ, ସତର୍କ କରିବା ପାଇଁ ଏବଂ ଶିକ୍ଷିତ କରିବା ପାଇଁ ପ୍ରସାରଣ ନିୟମ କିଛି ମାର୍ଗଦର୍ଶିକା, ନିୟମ ଏବଂ ନିୟାମକକୁ ନେଇ ଗଠିତ ହୋଇଛି ।
- **ଅଷ୍ଟମ ପ୍ରଶ୍ନର ଉତ୍ତର:** ପ୍ରସାର ଭାରତୀ ନିୟମର ଦାୟିତ୍ୱ ହେଉଛି ଜନସ୍ୱାର୍ଥ, ଶିକ୍ଷା, କୃଷି, ଗ୍ରାମ୍ୟ ଉନ୍ନୟନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ବିଭିନ୍ନ ଭାଷାରେ ମୁକ୍ତ ଏବଂ ସନ୍ତୁଳନ ରକ୍ଷା କରି ସୂଚନା ପ୍ରବାହର ଯତ୍ନ ନେବା ଭାରତର ନାଗରିକମାନଙ୍କ ମଧରେ ଜାତୀୟ ଅଖଣ୍ଡତା ଏବଂ ଏକତାକୁ ପ୍ରୋତ୍ସାହିତ କରିବା ।

- **ନବମ ପ୍ରଶ୍ନର ଉତ୍ତର:** ବିଜ୍ଞାପନ ନିଜକୁ ପ୍ରମାଣିତ କରି ସାରିଛି ଯେ ଏହା ଉତ୍ପାଦକ, ବିତରକ ତଥା ଉପଭୋକ୍ତାଙ୍କ ପାଇଁ ଯଥେଷ୍ଟ ମୂଲ୍ୟ ରଖିଥାଏ। ଏହା ବ୍ୟାପକ ଭାବେ ବିଛୁରିତ ହୋଇ ରହିଥିବା ଉପଭୋକ୍ତାଙ୍କ ସହିତ ଯୋଗାଯୋଗ ବଜାୟ ରଖିବା ପାଇଁ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଦ୍ରବ୍ୟ ଏବଂ ସେବା ଚୟନ କରିବା କ୍ଷେତ୍ରରେ ଏହା ସହାୟତା ପ୍ରଦାନ କରିଥାଏ। ବର୍ତ୍ତମାନର ବିଶ୍ୱରେ ବିଜ୍ଞାପନ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଏବଂ ଅର୍ଥନୈତିକ ବଳ ହୋଇଛି। ଏହା ଏଇଥିପାଇଁ ଆବଶ୍ୟକ ଯେ କୌଣସି ଅନୁଚିତ ବିଜ୍ଞାପନ ଜନସାଧାରଣଙ୍କ ବିଶ୍ୱାସକୁ ଦୋହଲାଇ ଦେଲେ ସେସବୁକୁ ଉଚ୍ଛେଦ କରି ଦିଆଯିବ। କ୍ଷତିରୁ ରକ୍ଷା କରିବା ପାଇଁ କିଛି ନିୟମ ଏବଂ ଆଇନ୍ ଆବଶ୍ୟକ ହୋଇଥାଏ। ବିଜ୍ଞାପନ କୋଡ୍ ଉପଭୋକ୍ତାମାନଙ୍କ ପ୍ରତି ବିଜ୍ଞାପନଦାତା ବିଜ୍ଞାପନ ଏଜେନ୍ସି, ଗଣମାଧ୍ୟମ ମାଲିକ ଏବଂ ଯୋଗାଣକାରୀ ଦାୟିତ୍ୱବୋଧତାର ଅନୁଭବକୁ ବୃଦ୍ଧି କରିବା।
- **ଦଶମ ପ୍ରଶ୍ନର ଉତ୍ତର :** ୱର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟ, ୧୯୫୫ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ପ୍ରାବଧାନ କରାଯାଇଛି। ଏହି ଅଧିକାରଗୁଡ଼ିକ ମୂଳତଃ ସେମାନଙ୍କର ପାରିଶ୍ରମିକ ହାର, କାର୍ଯ୍ୟ ନିର୍ଘଣ୍ଟ, ଛୁଟି ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କଠାରୁ ବାକିଆ ଅର୍ଥ ଅସୁଲ କରିବା ପାଇଁ ରହିଥାଏ।

## ନମୁନା ପ୍ରଶ୍ନାବଳୀ

(କ) ଦୀର୍ଘ ପ୍ରଶ୍ନ (୪୦୦ ଶବ୍ଦ)

(୧) ଭାରତୀୟ ସମ୍ବିଧାନ ନିଶ୍ଚିତ କରିଥିବା ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ଅଧିକାରର ଅବଧାରଣା ସମ୍ପର୍କରେ ଆଲୋଚନା କରନ୍ତୁ ?

(୨) ଭାରତୀୟ ସମ୍ବିଧାନରେ ଧାରା ୧୯(୨) ରେ ଉଲ୍ଲେଖ କରାଯାଇଥିବା ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କରେ ଉଲ୍ଲିଖିତ ପ୍ରତିବନ୍ଧକ ଉପରେ ପରୀକ୍ଷା କର।

(୩) ସମ୍ବିଧାନରେ ନିଶ୍ଚିତ କରାଯାଇଥିବା ମୌଳିକ ଅଧିକାର ସମ୍ପର୍କରେ ବର୍ଣ୍ଣନା କର।

(୪) ଶୋଷଣ ବିରୋଧୀ ଅଧିକାର ସମ୍ପର୍କରେ ବର୍ଣ୍ଣନା କର।

(୫) ଭାରତୀୟ ସମ୍ବିଧାନରେ ନିଶ୍ଚିତ କରାଯାଇଥିବା ସମାନତାର ଅଧିକାର ସମ୍ପର୍କରେ ବର୍ଣ୍ଣନା କର।

(୬) ଶିକ୍ଷାଗତ ଏବଂ ସାଂସ୍କୃତିକ ଅଧିକାର କ'ଣ ?

(୭) ନ୍ୟାୟାଳୟ ଅବମାନନା କ'ଣ ? ବର୍ଣ୍ଣନା କର।

(୮) ଗଣମାଧ୍ୟମ ପାଇଁ ଉପଯୁକ୍ତ ଭାରତୀୟ ପିଙ୍ଗଳ କୋଡ୍‌ର ପ୍ରାବଧାନ ସମ୍ପର୍କରେ ବର୍ଣ୍ଣନା କର।

(୯) 'ସୂଚନା ଅଧିକାର ଆଇନ୍ ସାମ୍ବାଦିକମାନଙ୍କୁ ଅଧିକାଂଶ ଦୁର୍ଲଭ ସୂଚନା ପାଇବା ପାଇଁ ସାହାଯ୍ୟ କରିଥାଏ'- ମତାମତ ପ୍ରଦାନ କର।

(୧୦) ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେସନ୍ ଅଫ୍ ବୁକ୍ସ ଆକ୍ଟ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କର।

(୧୧) କପିରାଇଟ୍ସ ଆକ୍ଟ, ୧୯୫୭ ସମ୍ପର୍କରେ ଆଲୋଚନା କର।

(୧୨) ଓ୍ଵାର୍କିଂ ଜର୍ଣ୍ଣାଲିଷ୍ଟ ଆକ୍ଟରେ ଉଲ୍ଲେଖ କରାଯାଇଥିବା ଗୁରୁତ୍ଵପୂର୍ଣ୍ଣ ପଏଣ୍ଟଗୁଡ଼ିକୁ ନିରୂପଣ କର।

(୧୩) କେବୁଲ୍ ଟେଲିଭିଜନ୍ ନେଟଓ୍ଵାର୍କ ରେଗୁଲେସନ୍ ଆକ୍ଟ, ୧୯୯୫ କ'ଣ ବର୍ଣ୍ଣନା କର ?

(୧୪) ପ୍ରସାରଣ ସେବା ନିୟାମକ ବିଲ୍ (ବ୍ରଡକାଷ୍ଟିଂ ସର୍ଭିସ ରେଗୁଲେସନ୍ ବିଲ୍, ୨୦୦୬) ର ଉଦ୍ଦେଶ୍ୟ କ'ଣ ?

**(ଖ) ସଂକ୍ଷିପ୍ତ ଉତ୍ତର (୧୦୦ ଶବ୍ଦ)**

(ନୋଟ୍ ଲେଖନ୍ତୁ)

- ଅପବାଦ
- ପ୍ରସାରଭାରତୀ
- ଅଫିସିଆଲ୍ ସିକ୍ରେଟ୍ ଆକ୍ଟ
- ବୌଦ୍ଧିକ ସମ୍ପତ୍ତିର ଅଧିକାର
- ମାନହାନି
- ବିଜ୍ଞାପନ କୋଡ୍

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in